visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.206 Bhubaneswar Saturday September 24 2022 | ୨୫ତମ ବର୍ଷ ସଂଖ୍ୟା-୨୦୬ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ବିଜେଡି ସରକାର କୋଳରେ ଘରୋଇ ଡିଲର: ୬ ବର୍ଷ ପରେ ବି ଉଚ୍ଛେଦ ହେଉନି



ଭୁବନେଶ୍ୱର ,୨୩।୯(ପି.ଏନ): ଘରୋଇ ଡିଲରଙ୍କ ମୋହ ଛାଡିପାରୁନାହାନ୍ତି ବିଜେଡି ସରକାର । ରାଜ୍ୟରୁ ୨ବର୍ଷ ଭିତରେ ପ୍ରାଇଭେଟ୍ (ଘରୋଇ) ଡିଲର ବ୍ୟବସ୍ଥା ଉଚ୍ଛେଦ କରିବା ପାଇଁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେବା ଓ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବାର ୬ବର୍ଷ ପରେ ସେହି ପ୍ରାଇଭେଟ୍ ଡିଲରଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲର(ଇନଷ୍ଟିଚ୍ୟୁସନାଲ ଡିଲର) ନିଯୁକ୍ତି ଦେବା ପରିବର୍ତ୍ତ? ସେମାନଙ୍କ ମାଧ୍ୟମରେ ନିଜର ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ବା ରାସନ ସାମଗ୍ରୀ ଯୋଗାଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି ।ଗତକାଲି ଅର୍ଥାତ୍ ସେପ୍ଟେମ୍ବର ୨୨ତାରିଖରେ ରାଜ୍ୟ କ୍ୟାବିନେଟ୍ ପୁଣିଥରେ ଏହି ପ୍ରାଇଭେଟ୍ ଡିଲରମାନଙ୍କୁ ସୁହାଇବା ପାଇଁ ଓଡିଶା ପିଡିଏସ୍ (କଂଟ୍ରୋଲ) ଅର୍ଡର-୨୦୧୬ରେ ଥିବା ବ୍ୟବସ୍ଥାକୁ ଆଉ ୬ମାସ ଅର୍ଥାତ୍ ୨୦୨୩ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ତେବେ ଜାତୀୟ ଓ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ରାସନ ସାମଗ୍ରୀ ବଂଟନ ପାଇଁ ଘରୋଇ ଡିଲରଙ୍କ ପରିବର୍ତ୍ତ? ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ଦେବାକୁ ସରକାର କାହିଁକି ପଛଘୁଂଚ଼ା ଦେଉଛନ୍ତି ଓ ନିଜେ ପ୍ରଣୟନ କରିଥିବା ଆଇନକୁ ମାନୁନାହାନ୍ତି ତାହା ଏବେ ସାଧାରଣରେ ଚ଼ର୍ଚ୍ଚାର ବିଷୟ ।ସୂଚ଼ନା ଅନୁସାରେ,ଓଡିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୫ ନଭେମ୍ବର ମାସରୁ କାର୍ଯ୍ୟକାରୀ ହେବାପରେ ଜଷ୍ଟିସ ୱାଧା କମିଶନଙ୍କ ସୁପାରିଶ ଆଧାରରେ ରାଜ୍ୟରୁ ଘରୋଇ ଡିଲରଙ୍କ ପରିବର୍ତ୍ତ? ଅନୁଷ୍ଠାନିକ ଡିଲର(ଇନଷ୍ଟିଚ୍ୟୁସନାଲ ଡିଲର)ଙ୍କୁ ନିଯୁକ୍ତି ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ଏନେଇ ରାଜ୍ୟ କ୍ୟାବିନେଟ ୨୦୧୬ ଫେବୃୟାରୀ ୨୬ତାରିଖରେ ଓଡିଶା ସାଧାରଣ ବଂଟନ ବ୍ୟବସ୍ଥା(କଂଟ୍ରୋଲ) ଅର୍ଡର-୨୦୧୬କୁ ଅନୁମୋଦନ କରିଥିଲେ । ଆଉ ୨୦୧୬ ମାର୍ଚ୍ଚ ୧୬ତାରିଖରେ ରାଜ୍ୟ ଖାଦ୍ୟଯୋଗାଣ ବିଭାଗ ପକ୍ଷରୁ ଓଡିଶା ସାଧାରଣ ବଂଟନ ବ୍ୟବସ୍ଥା(କଂଟ୍ରୋଲ) ଅର୍ଡର-୨୦୧୬ର ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହାର ଅନୁଚ୍ଛେଦ ୪(୬) ଅନୁସାରେ ଉପରୋକ୍ତ 'ଅର୍ଡର-୨୦୧୬' ଅନ୍ତର୍ଗତ ଯେଉଁ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଡିଲର ନିଯୁକ୍ତି ଓ ଲାଇସେନ୍ସ ନବୀକରଣର କ୍ଷମତା ରହିଛି ସେ ଘରୋଇ ଡିଲରଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ଦେବାକୁ ନିଶ୍ଚିତ ପଦକ୍ଷେପ ନେବେ । ପଂଚ଼ାୟତ ଅବା ମ୍ୟୁନିସପାଲଟି,ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ ସୋସାଇଟି ଓ ଏସଏଚ୍ ଜିଗୁଡିକୁ ସାଧାରଣ ବଂଟନ ବ୍ୟବସ୍ଥା ଦାୟିତ୍ୱ ଏହି ଗେଜେଟ୍ ବିଜ୍ଞପ୍ତି ଜାରିର ୨ବର୍ଷ ମଧ୍ୟରେ ଦେବାର ପ୍ରାବଧାନ ରହିଥିଲା ।ତେବେ ଆଶ୍ଚର୍ଯ୍ୟର କଥା, ସରକାର ଏହି ଗେଜେଟ୍ ବିଜ୍ଞପ୍ତି ଜାରି କରି ଭୁଲି ଯାଇଛନ୍ତି । ଆଉ ଗତ ୭ବର୍ଷ ଧରି ନିୟମିତ ଭାବେ ଘରୋଇ ଡିଲରଙ୍କୁ ସୁହାଇବା ପାଇଁ କ୍ୟାବିନେଟରେ ଓଡିଶା ସାଧାରଣ ବଂଟନ ବ୍ୟବସ୍ଥା(କଂଟ୍ରୋଲ) ଅର୍ଡର-୨୦୧୬ର ଅବଧି ବାରମ୍ବାର ବୃଦ୍ଧି କରିଚ଼ାଲିଛନ୍ତି । କେତେବେଳେ ବର୍ଷକ ପାଇଁ ତ ଆଉ କେବେ ୬ମାସ ପାଇଁ ଏହି ଅବଧି ବୃଦ୍ଧି ପାଉଛି । ଏପରିକି ତତକାଳୀନ ଓଡିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡା ୨୦୧୮ ଜାନୁୟାରୀ ଶେଷ ସପ୍ତାହରେ ସମସ୍ତ ଜିଲ୍ଲାପାଳଙ୍କୁ କଡା ଭାଷାରେ ଚ଼ିଠି ଲେଖି ସାଧାରଣ ବଂଟନ ବ୍ୟବସ୍ଥା(ପିଡିଏସ)ର ଘରୋଇ ଡିଲରମାନଙ୍କୁ ୨୦୧୮ ମାର୍ଚ୍ଚ ୧୫ସୁଦ୍ଧା ଉଚ୍ଛେଦ କରି ସେମାନଙ୍କ ସ୍ଥାନରେ ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଧାରିତ ୨ବର୍ଷର ଅବଧି ମଧ୍ୟରେ ଘରୋଇ ଡିଲରଙ୍କ ପରିବର୍ତ୍ତ? ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ଦେବାକୁ ପଡିବ ବୋଲି ଲାଇସେନ୍ସ ପ୍ରଦାନକାରୀ ଅଧିକାରୀମାନେ ବୋଧହୁଏ ଭୁଲି ଯାଇଛନ୍ତି । ତେଣୁ ୨୦୧୮ ମାର୍ଚ୍ଚ ୧୫ ପରେ ଯେଭଳି ଜଣେ ବି ଘରୋଇ ଡିଲର କୌଣସି 'ସୁଲଭ ମୂଲ୍ୟ ଦୋକାନ' ପରିଚ଼ାଳିତ ନକରିବେ ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ ତାଗିଦ୍ କରିଥିଲେ । କୌଣସି ଜଣେ ବି ଲାଇସେନ୍ସ ପ୍ରଦାନକାରୀ ଅଧିକାରୀ ଏହି ଘରୋଇ ଡିଲରଙ୍କୁ ଉଚ୍ଛେଦ ପାଇଁ ଆଗ୍ରହ ନଦେଖାଇବା ଅତ୍ୟନ୍ତ ଚ଼ିନ୍ତାଜନକ ବୋଲି ତତକାଳୀନ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଶ୍ରୀ ଜାମୁଡା ତାଙ୍କ ଚ଼ିଠିରେ ଉଲ୍ଲେଖ କରିଥିଲେ ।ତେବେ ଶ୍ରୀ ଜାମୁଡାଙ୍କ ଏହି ଚ଼ିଠି ସେତେବେଳେ ସରକାରଙ୍କୁ ଅଡୁଆ ପରିସ୍ଥିତିରେ ପକାଇ ଦେଇଥିଲା । ଜାମୁଡାଙ୍କ କାର୍ଯ୍ୟକାଳ ସରିଗଲା ସିନା ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏପରିକି ଶ୍ରୀ ଜାମୁଡା ପରେ ଓଡିଶା ରାଜ୍ୟ ଖାଦ୍ୟ ଆୟୋଗ କେବଳ କାଗଜକଲମ ମଧ୍ୟରେ ସୀମିତ ହୋଇ ରହିଛି । ବର୍ତ୍ତମାନର ଖାଦ୍ୟ କମିଶନ ଅଧ୍ୟକ୍ଷ ପ୍ରମୋଦ କୁମାର ମେକାପ ଏ ଦିଗ ପ୍ରତି ଆଖିବୁଜି ଦେଇଥିବା ଜଣାପଡିଛି । ଯେଉଁଥିପାଇଁ ଘରୋଇ ଡିଲରଙ୍କୁ ସୁହାଇବା ଭଳି ନିଷ୍ପତ୍ତି କ୍ୟାବିନେଟ ଗତ ୭ବର୍ଷ ଧରି ନେବାରେ ଲାଗିଛି ।ସୂଚ଼ନାଯୋଗ୍ୟ, ରାଜ୍ୟରେ ପିଡିଏସ୍ ବ୍ୟବସ୍ଥାରେ ମୋଟ ୧୩୬୩୦ଟି ସୁଲଭ ମୂଲ୍ୟ ଦୋକାନର ପରିଚ଼ାଳନା ଦାୟିତ୍ୱରେ ୭୦୬୮ଜଣ ଘରୋଇ ଡିଲର ଓ ବାକି ୬୫୬୨ଜଣ ଆନୁଷ୍ଠାନିକ ଡିଲର(ମହିଳା ଏସଏଚ୍ଜି, ସମବାୟ ସୋଇଟି ଓ ଏସଏଚ୍ଜି) ଅଛନ୍ତି । ୨୦୧୮ ଡିସେମ୍ବରରେ ଏହି ପିଡିଏସ୍ ବ୍ୟବସ୍ଥାରେ ମୋଟ ୧୪୦୫୩ ଟି ସୁଲଭ ମୂଲ୍ୟ ଦୋକାନ ଥିବାବେଳେ ସେଥିରୁ ୬୩୭୦ଟି ସୁଲଭ ମୂଲ୍ୟ ଦୋକାନର ଆନୁଷ୍ଠାନିକ ଡିଲର ଓ ୭୬୮୩ଟି ଘରୋଇ ଡିଲରଙ୍କ ଦ୍ୱାରା ପରିଚ଼ାଳିତ ହେଉଥିଲା । ଅର୍ଥାତ୍ ଗତ ୪ବର୍ଷ ମଧ୍ୟରେ (୨୦୧୮ରୁ ୨୦୨୨ ମସିହା) ମାତ୍ର ୬୦୫ଜଣ ଘରୋଇ ଡିଲରଙ୍କ ପରିବର୍ତ୍ତ? ଆନୁଷ୍ଠାନିକ ଡିଲରଙ୍କୁ ନିଯୁକ୍ତି ମିଳିଛି ।

# ଭୁବନେଶ୍ୱର ପହଂଚିଲେ ବିଜେପିର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂସଲ

ଭୁବନେଶ୍ୱର, ୨୩।୯(ପି.ଏନ): ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂସଲ ଓଡିଶା ଗସ୍ତରେ ଆସି ପହଂଚିଛନ୍ତି । ଭୁବନେଶ୍ୱର ସ୍ଥିତ ବିମାନ ବନ୍ଦରରେ ପହଂଚିବା ପରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟ ବିଜେପି ନେତା ମାନେ ତାଙ୍କୁ ସ୍ୱାଗତ କରିଥିଲେ । ସେଠାରୁ ସେ ସିଧା ପାର୍ଟିର ରାଜ୍ୟ କାର୍ଯାଳୟ ପହଂଚିଥିଲେ ।ପାର୍ଟିର ରାଜ୍ୟ କାର୍ଯ୍ୟାଳୟରେ ପହଂଚିବା ପରେ ସେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଆଗାମୀ ଓଡିଶା ଗସ୍ତର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିବେ । ସେ ବିଧାନସଭା ଓ ଲୋକସଭା ପ୍ରଭାରୀ ମାନଙ୍କ ସହ ଆଲୋଚନା କରୁଛନ୍ତି । ଏହା ସହିତ ସେ ଦଳର ସଂଗଠନ ମଜବୁତ ନେଇ ମଧ ସେ ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ମାଙ୍କିଡିଆ ଜନଜାତିଙ୍କୁ ଠକିଦେଲା ଠିକାଦର, ଅଧପନ୍ତରିଆ ଘର କରି ଟଙ୍କା ଧରି ଚ଼ମ୍ପଟ

ଉଦଳା ,୨୩।୯(ପି.ଏନ): ମାଙ୍କିଡିଆ ଜନଜାତିର ଲୋକଙ୍କୁ ଠକିଦେଲା ଠିକାଦର। ଅଧପନ୍ତରିଆ ଘର କରି ଟଙ୍କା ଧରି ଚ଼ମ୍ପଟ ମାରିଲା। ଏବେ ଉପାୟଶୂନ ହୋଇ ନିଜ ଭଙ୍ଗା ଦଦରା ଘରେ ଜୀବନ କାଟୁଛନ୍ତି ହିତାଧିକାରୀ। ଏପରି ଚ଼ିତ୍ର ଆସିଛି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକରୁ।କପ୍ତିପଦା ବ୍ଲକର ବାଲିପୋଷୀ ଗାଁ। ଏହି ଗାଁରେ ୨୫ରୁ ଅଧିକ ମାଙ୍କଡ଼ିଆ ପରିବାର ବସବାସ କରୁଛନ୍ତି। ୨୦୧୪-୧୫ ମସିହାରେ ବିଭିନ୍ନ ପର୍ଯ୍ୟାୟରେ ୧୫ରୁ ୨୦ଟି ପରିବାରକୁ ମିଳିଥିଲା 'ଇନ୍ଦିରା ଆବାସ' ଯୋଜନାରେ ଘର। ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କ ଘର ନିର୍ମାଣ ଶେଷ ହୋଇନାହିଁ। କାହାର ଘର ଫାଉଣ୍ଡେସନ୍? ପଡିଛି ତ ଆଉ କାହାର କାନ୍ଥ ଉଠାଇ ଟଙ୍କା ନେଇ ଛୁ' ମାରିଛି ଠିକାଦାର। ଯାହାଫଳରେ ହିତାଧିକାରୀମାନେ ନାନା ଅସୁବିଧାରେ ଅସୁବିଧାରେ ପଡୁଛନ୍ତି।କାମଦାମ କରି ଚ଼ଳୁଥିବା ଗରିବ ମାଙ୍କିଡିଆଙ୍କ ପରିବାର ପାଖରେ ଏତେ ସମ୍ବଳ ନାହିଁ ଯେ, ସେମାନେ ଘର ସମ୍ପୂର୍ଣ୍ଣ କରିପାରିବେ। ତେଣୁ କିଏ ଗୋରୁ ଛେଳି ବିକି ନିର୍ମାଣ ହୋଇଥିବା ଘର ଉପରେ ଆଜବେଷ୍ଟସ୍? ପକାଇ ରହୁଛି ତ ଆଉ କିଏ ଇଶ୍ୱରଙ୍କ ଭରସା କରି ସେମିତି ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛି।ତେବେ ଏଠି ପ୍ରଶ୍ନ ଉଠୁଛି, ଗୋଟିଏ ଗାଁରେ ଏତେ ବଡ ଘର ଦୁର୍ନୀତି କେମିତି ହେଲା? ଏ ସମ୍ପର୍କରେ ଜାଣିବାକୁ ହେଲେ ପୂରା କାହାଣୀ ଜାଣିବାକୁ ହେବ। ମାଙ୍କିଡିଆମାନେ ସାଧାରଣତଃ ଗରିବ ଓ ନୀରିହ। ଦିନେ ଥିଲା ଏମାନେ ଜଙ୍ଗଲରୁ ଶିଆଳି ଲତା ସଂଗ୍ରହ କରି, ତାକୁ ଶୁଖାଇ ସେଥିରେ ଶିକା, ଶିଡି ଓ ଅନ୍ୟାନ୍ୟ ସରଞ୍ଜାମ ତିଆରି କରି ଚ଼ଳୁଥିଲେ। ଶିଆଳି ଲତା କାଟିବା ଉପରେ ବନ ବିଭାଗ ପ୍ରତିବନ୍ଧକ ଲଗାଇବାରୁ ମାଙ୍କିଡିଆମାନେ ବାଧ ହୋଇ ନିଜ ଜୀବିକାଠାରୁ ଦୂରେଇ ଗଲେ। ପରିବାର ଭରଣ ପୋଷଣ ପାଇଁ ମୂଲ ମଜୁରି ଲାଗିଲେ। ଯାହା ମଜୁରି ମିଳୁଥିଲା ସେଥିରେ ଚ଼ଳୁଥିଲେ। ଯେଉଁଦିନ କାମ କରିବାକୁ ଯାଉନଥିଲେ, ସେଦିନ ଚ଼ୁଲି ଜଳୁନଥିଲା। ସେମାନଙ୍କ ପକ୍ଷେ ଘର ନିର୍ମାଣ କରିବା ସମ୍ଭବ ନୁହେଁ।ତେଣୁ ଇନ୍ଦିରା ଆବାସ ଘର ମିଳିବା ପରେ ସେମାନଙ୍କ ପାଖରେ ପହଞ୍ଚିଲା ଠିକାଦାର। ସତମିଛ କଥା କହି ଠିକାଦାର ପ୍ରଥମେ ମାଙ୍କିଡିଆଙ୍କ ମନ କିଣିଥିଲା। ତା'ପରେ ଶୀଘ୍ର ଘର ତିଆରି କରିବାର ପ୍ରତିଶ୍ରୁତି ଦେଇଥିଲା। ନୀରିହ ମାଙ୍କିଡିଆମାନେ ତାଙ୍କ କଥାକୁ ବିଶ୍ୱାସ କରି ଦେଇଥିଲେ ନିଜର ଆଧାରକାର୍ଡ ଓ ବ୍ୟାଙ୍କ ପାସ୍?ବୁକ୍?। ତା'ପରଠାରୁ ଠିକାଦାର ଆରମ୍ଭ କଲା ଅସଲ ଖେଳ।କାର୍ଯ୍ୟାଦେଶ ମିଳିଥିବା ଇନ୍ଦିରା ଆବାସ ଘର ନିର୍ମାଣ ଆରମ୍ଭ କଲା ଠିକାଦାର। ସେହି ଘର ଦେଖାଇ ଟଙ୍କା ଉଠାଇଲା। ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସିବା ପରେ ଠିକାଦାର ହିତାଧିକାରୀଙ୍କୁ ଗାଡି କରି ଘରୁ ନେଇଯାଉଥିଲା। ବ୍ୟାଙ୍କରୁ ଟଙ୍କା ଉଠାଇବା ପରେ ହିତାଧିକାରୀଙ୍କୁ ୧୦୦ରୁ ୨୦୦ ଟଙ୍କା ଦେଇ ବାକି ଟଙ୍କା ନେଇ ଚ଼ମ୍ପଟ ମାରିଥିଲା। ଏହି ଫର୍ମୁଲାରେ ଠିକାଦାରମାନେ ମାଙ୍କିଡିଆଙ୍କଠାରୁ ଇନ୍ଦିଆବାସ ଟଙ୍କା ଲୁଟିଛନ୍ତି। ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ମାଙ୍କିଡିଆଙ୍କ ଇନ୍ଦିରା ଆବାସ ଘର ଅଧପନ୍ତରିଆ ହୋଇ ପଡି ରହିଛି। ଏଥିପ୍ରତି ବ୍ଲକ ପ୍ରଶାସନ ସାମାନ୍ୟତମ ନଜର ଦେଉନାହିଁ। ଯାହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୁରୁଣା ଘର ନିର୍ମାଣ ସରୁନଥିବାରୁ ଆଜି ପର୍ଯ୍ୟନ୍ତ ଗାଁର ଆଉ କାହାକୁ ଘର ମିଳୁଥିବା ଅଭିଯୋଗ ହେଉଛି।ଗୋଟିଏ ଗାଁରେ ଏତେ ବଡ ଘୋଟାଲା ହେଲା। ହେଲେ ଏ ସମ୍ପର୍କରେ ବ୍ଲକ ପ୍ରଶାସନ କେମିତି ଜାଣିପାରିଲା ନାହିଁ? ନା ବ୍ଲକ ପ୍ରଶାସନ ଜାଣି ଚୁପ୍? ରହିଛି। ଏନେଇ କପ୍ତିପଦା ବିଡିଓ କହିଛନ୍ତି, ହିତାଧିକାରୀଙ୍କୁ ଘର ମିଳିଥିଲା। ସେମାନେ ନିଜ ଘର ନିର୍ମାଣ କରିବା କଥା। ମାତ୍ର ସେମାନେ ଠିକାଦାରକୁ ଘର ନିର୍ମାଣ କରିବାକୁ ଦେଇଥିଲେ।

## ଘର ଦେବା ନାଁରେ ୨୦ କୋଟି ଠକେଇ ମାମଲା

ଭୁବନେଶ୍ୱର,୨୩।୯(ପି.ଏନ): ଲୋକମାନଙ୍କୁ ଘର ଯୋଗାଇବା ନାଁରେ ୨୦ କୋଟି ଟଙ୍କା ଠକେଇ କରିବା ଅଭିଯୋଗରେ ଜଣେ ବିଲ୍ଡରଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଛି ଇଓଡବ୍ଲୁ। ଓଡ଼ିଶା ହୋମ୍ ଆଣ୍ଡ୍ କମର୍ସିଆଲ ପ୍ରାଇଭେଟ୍ ଲିମିଟେଡ୍ ର ନିର୍ଦ୍ଦେଶକ ମନୋଜ ପଣ୍ଡାଙ୍କ ବିରୋଧରେ ଲୁକଆଉଟ ସର୍କୁଲାର ଜାରି ହୋଇଛି। ଇଓଡବ୍ଲୁ ଏସ୍ ପି ଦିଲ୍ଲୀପ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ଭୁବନେଶ୍ୱର ସାଂପୁର ଗଣପତି ମୌଜାରେ ଆପାର୍ଟମେଂଟ ଓ ଫ୍ଲାଟ ଯୋଗାଇଦେବାକୁ କହି ମନୋଜ ଲୋକଙ୍କ ଠାରୁ ଟଙ୍କା ଠକିଥିବା ଅଭିଯୋଗ ଥିଲା। ୨୦୧୩ରୁ ୨୦୧୬ ମଧ୍ୟରେ ପ୍ରାୟ ୪୨ଜଣଙ୍କ ଠାରୁ ୨୦ କୋଟି ଟଙ୍କା ନେଇଥିଲା ସଂସ୍ଥା।

# ଦୁର୍ଗାପୂଜାରେ ବ୍ୟାଣ୍ଡ ଡିଜେ ଉପରେ କଟକଣା , ୬୫ ଡେସିବିଲ ଟପିବନି ସ୍ପିକର ସାଉଣ୍ଡ



ଭୁବନେଶ୍ୱର, ୨୩।୯(ପି.ଏନ): ବିଗତ ୨ ବର୍ଷ ହେବ କରୋନା କଟକଣା ଯୋଗୁଁ ଦୁର୍ଗାପୂଜାରେ ସାଧାରଣ ଦର୍ଶକ ସାମିଲ ହୋଇପାରି ନ ଥିବାରୁ ଏଥର ପୂଜା କମିଟିଗୁଡ଼ିକ ଆକର୍ଷଣୀୟ ଭାବେ ପୂଜା କରୁଛନ୍ତି। ଦୁର୍ଗାପୂଜା ପାଇଁ କମିଶନରେଟ ପୋଲିସ ପକ୍ଷରୁ କଟକଣା ଲାଗୁ ହୋଇଯାଇଛି। ବ୍ୟାଣ୍ଡ, ଡିଜେ ଓ ମ୍ୟୁଜିକ ପାର୍ଟି ପାଇଁ କଟକଣା ଲାଗୁ କରାଯାଇଛି। ଲାଉଡ ସ୍ପିକର ସାଉଣ୍ଡ ୬୫ ଡେସିବିଲ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭସାଣ ଶୋଭାଯାତ୍ରାରେ ଗୋଟିଏ ବ୍ୟାଣ୍ଡ ଓ ଗୋଟିଏ ମ୍ୟୁଜିକ ପାର୍ଟିକୁ ଅନୁମତି ଦିଆଯାଇଛି। ମ୍ୟୁଜିକ ପାର୍ଟି ୪ରୁ ୫ଟି ସାଉଣ୍ଡବକ୍ସ ବ୍ୟବହାର କରିପାରିବେ। ଏଥିପାଇଁ କଟକ ଓ ଭୁବନଶ୍ୱେର ଡିସିପିଙ୍କ ଠାରୁ ଅନୁମତି ନେବାକୁ ପଡିବ। ଶୋଭାଯାତ୍ରାରେ ୬ଟି ଟ୍ରଲିକୁ ଅନୁମତି ମିଳିବ। ଅମାନ୍ୟକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି କମିଶନରରେଟ ପୋଲିସ ପକ୍ଷରୁ କୁହାଯାଇଛି ।ଭସାଣି ସମୟରେ ପ୍ରତି ପୂଜା ମଣ୍ଡପକୁ କେବଳ ଗୋଟିଏ ଲେଖାଏଁ ବ୍ୟାଣ୍ଡ ଓ ମ୍ୟୁଜିକ ପାର୍ଟି ବ୍ୟବହାର କରିବାକୁ ଅନୁମତି ଦିଆଯିବ। ୬ଟିରୁ ଅଧିକ ଟ୍ରଲି ବ୍ୟବହାର କରିପାରିବେନି। ମ୍ୟୁଜିକ ପାର୍ଟି ଗୁଡ଼ିକ ୪ରୁ ୫ଟି ସାଉଣ୍ଡ ବକ୍ସ ବ୍ୟବହାର କରିବେ। ସାଉଣ୍ଡ ଲିମିଟର ନଥିବା ଅଡିଓ ସିଷ୍ଟମକୁ ଅନୁମତି ମିଳିବ ନାହିଁ। ଯେଉଁ ବ୍ୟାଣ୍ଡ/ଡିଜେ ଓ ମ୍ୟୁଜିକ୍ ପାର୍ଟି ଗୁଡ଼ିକ କେବଳ ଭୁବନେଶ୍ୱର/କଟକ ଡିସିପିଙ୍କ ଅଧୀନରେ ପଞ୍ଜୀକୃତ ହୋଇଥିବେ କେବଳ ସେମାନଙ୍କୁ ଚଳିତ ବର୍ଷ ଦଶହରାରେ ଅନୁମତି ମିଳିବ ।ଅନ୍ୟ କାହାର ଲାଇସେନ୍ସକୁ ବ୍ୟବହାର କରି କେହି ଗୀତ ବଜାଇ ପାରିବେ ନାହିଁ। 'ସାଇଲେନ୍ସ ଜୋନ୍' ଯଥା ସ୍କୁଲ୍, କଲେଜ, ଡାକ୍ତରଖାନା ଓ

# ଦେହ ବେପାର ପାଇଁ ରାଜି ନ ହେବାରୁ ଯୁବତୀଙ୍କୁ ହତ୍ୟା ! ବନ୍ଧା ହେଲେ ବିଜେପି ନେତାଙ୍କ ପୁଅ

ଡେରାଡୁନ,୨୩।୯(ପି.ଏନ): ଉତ୍ତରାଖଣ୍ଡରର ଜଣେ ପ୍ରଭାବଶାଳୀ ବିଜେପି ନେତା ତଥାପ ପୂର୍ବତନ ମନ୍ତ୍ରୀଙ୍କ ପୁଅଙ୍କୁ ପୁଲିସ ହତ୍ୟା ମାମଲାରେ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ବିଜେପି ନେତା ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତ। ତାଙ୍କ ବାପା ବିଜେପିର ଜଣେ ନେତା ଭାବେ କାମ କରୁଥିବା ବେଳେ ଭାଇ ଅଙ୍କିତ ଆର୍ଯ୍ୟ ଉତ୍ତରାଖଣ୍ଡ ଓବିସି କଲ୍ୟାଣ କମିଶନର ଉପାଧ୍ୟ ।ନ୍ୟୁଜକ୍ଲିକରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରିଷିକେଶରେ ପୁଲକିତଙ୍କର ଗୋଟିଏ ରିସର୍ଟ ରହିଛି। ଏହି ରିସର୍ଟରେ ରିସ୍ପ ?ସନିଷ୍ଟ ଭାବେ କାମ କରୁଥିବା ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ପୁଲକିତ ଓ ତାଙ୍କର ଦୁଇ ଜଣ ସହଯୋଗୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଜଣଙ୍କୁ ପୁଲକିତ ଦୀର୍ଘ ଦିନ ହେଲା ଦେହ ବେପାରରେ ନିୟୋଜିତ ହେବାକୁ ପ୍ରସ୍ତାବ ଦେଇ ଆସୁଥିଲେ। ଏଥିରେ ସେ ରାଜି ନ ହେବାରୁ ତାଙ୍କୁ ହତ୍ୟା କରାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ପୁଲିସ୍? ଘଟଣାର ତଦନ୍ତ କରି ଆଜି ସନ୍ଧ୍ୟାରେ ପୁଲକିତ ଓ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରିଛି ।ମିଳିଥିବା ସୂଚ଼ନା ଅନୁଯାୟୀ, ପୁଲକିତଙ୍କ ରିସର୍ଟରେ ୧୯ ବର୍ଷୀୟ ଅଙ୍କିତା ଭଣ୍ଡାରୀ ରିସ୍ପ ?ସନିଷ୍ଟ ଭାବେ କାମ କରୁଥିଲେ। ହେଲେ ହଠାତ୍? ସେପ୍ଟେମ୍ବର ୧୮ରୁ ସେ ନିଖୋଜ ହୋଇ ଯାଇଥିଲେ। ପୁଲିସ୍? ତାଙ୍କୁ ଖୋଜାଖୋଜି କରୁଥିବା ବେଳେ ପୁଲକିତ ହରିଦ୍ୱାରା ପଳାଇଥିଲେ। ହେଲେ ଅଙ୍କିତାଙ୍କ ପରିବାର ଲୋକ ପୁଲିସ୍?ର ଦ୍ୱାରସ୍ଥ ହୋଇ ଝିଅକୁ ଖୋଜି ଆଣିବାକୁ ନେହୁରା ହୋଇଥିଲା ।ପୁଲିସ୍? ତଦନ୍ତ ଜାରି ରଖିଥିବା ବେଳେ ରିସର୍ଟର ସିସିଟିଭି ଯାଞ୍ଚ କରିଥିଲା। ହେଲେ ସିସିଟିଭି କ୍ୟାମେରା ଭାଙ୍ଗି ଯାଇଥିବାରୁ କୌଣସି ସୁଫଳ ମିଳି ନଥିଲା। ଏହାପରେ ପୁଲିସ୍? ଅଙ୍କିତାଙ୍କ ସହ ରିସର୍ଟରେ କାମ କରୁଥିବା କିଛି ସହଯୋଗୀଙ୍କ



ଫୋନ ଯାଞ୍ଚ କରିଥିଲା। ଏହି ସମୟରେ ଅଙ୍କିତା ହ୍ୱାଟସଆପ୍?ରେ ପୁଲକିତଙ୍କ ଯୌନ କେଳେଙ୍କାରୀ କଥା ସହଯୋଗୀ ମାନଙ୍କୁ କହିଥିବା ଜଣାପଡିଥିଲେ। ଏ ଦିଗରେ ପୁଲିସ୍? ତଦନ୍ତ କରୁଥିବା ବେଳେ ଆଜି ମହିଳାମାନେ ପୁଲକିତଙ୍କୁ ଗିରଫ କରିବା ପାଇଁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ମହିଳାମାନଙ୍କ ବିକ୍ଷୋଭ ଜୋରଦାର ହେବାରୁ ଉତ୍ତରାଖଣ୍ଡ ପୁଲିସ୍? ପୁଲକିତଙ୍କ ସମେତ ରିସର୍ଟର ମ୍ୟାନେଜର ସୌରଭ ଭାସ୍କର ଓ ଆସିସଷ୍ଟାଣ୍ଟ ମ୍ୟାନେଜର ଅଙ୍କିତ ଗୁପ୍ତାଙ୍କୁ ଉଠାଇ ଆଣି ଜେରା କରିଥିଲା। ଏହି ସମୟରେ ସେମାନେ ନିଖୋଜ ଅଙ୍କିତାଙ୍କୁ ରିସର୍ଟରେ ହତ୍ୟା କରିବା ପରେ ଛୀଲା କେନାଲରେ ଫିଙ୍ଗି ଦେଇଥିବା ସ୍ୱୀକାର କରିଥିଲେ। ଏହାପରେ ପୁଲିସ୍? ତାଙ୍କୁ ଗିରଫ କରିଛି। ଏଥିସହ ପୁଲିସ୍? ଓ ଉଦ୍ଧାରକାରୀ ଦଳ ଆଜି କେନାଲରୁ ଅଙ୍କିତାଙ୍କ ମୃତଦେହ ଜବତ କରିଛି। ଏ ସମ୍ପର୍କରେ ପାଉରୀର ଅତିରିକ୍ତ ଏସ୍?ପି ଶେଖର ସୂୟାଲ ସୂଚ଼ନା ଦେଇଛନ୍ତି।ପୂରା ଘଟଣା ଉତ୍ତରାଖଣ୍ଡର ରିଷିକେଶ ଜିଲ୍ଲାରେ ଥିବା ଭନନତାରା ରିସର୍ଟରେ ଘଟିଥିଲା। ଅଙ୍କିତା ମାତ୍ର କିଛି ମାସ ହେଲା ରିସର୍ଟରେ ଯୋଗ ଦେଇଥିଲେ। ହେଲେ ପୁଲକିତ ଓ ତାଙ୍କର ଦୁଇ ସହଯୋଗୀ ତାଙ୍କୁ ରିସର୍ଟରେ ଚ଼ାଳିଥିବା ଦେହ ବେପାରରେ ଲଗାଇବାକୁ ଚ଼ାହିଁଥିଲେ। ଏଥିପାଇଁ ମୋଟା ଅଙ୍କର ଟଙ୍କା ମଧ୍ୟ ଅଫର କରିଥିଲେ।

# ଧାମରା ବନ୍ଦର ଏବଂ ଆରଡ଼ୀପୀଠର ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ

ଭଦ୍ରକ/ଭୁବନେଶ୍ୱର, ୨୩।୯(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ଆଜି ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମରା ବନ୍ଦର ଏବଂ ଆରଡ଼ିଧାମ ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ଅଗ୍ରଗତି ସମୀକ୍ଷା କରିଥିଲେ । ପ୍ରଥମେ ଏହି ସର୍ବୋଚ୍ଚ ପ୍ରଶାସନିକ ଟିମ୍ ଧାମରାରେ ପହଂଚି ଜାମୁଝାଡିରୁ ଧାମରା ପର୍ଯ୍ୟନ୍ତ ଦୁଇସାରିଆ ରାସ୍ତାର ନିର୍ମାଣ କାର୍ଯ୍ୟ, ଚାନ୍ଦବାଲିରୁ ଧାମରା ପର୍ଯ୍ୟନ୍ତ ସଡ଼କ ସଂଯୋଗ ପାଇଁ ମନ୍ତେଇ ନଦୀ ସେତୁ କାର୍ଯ୍ୟ, ଭଦ୍ରଖ ଧାମରା ରେଳଲାଇନ୍ର ଦୋହରୀକରଣ, ଧାମରାଠାରେ ବନ୍ଦରଭିତିକ ଶିଳ୍ପାଂଚଳ ପ୍ରତିଷ୍ଠା, ବାଲିମେଳାଠାରେ ଏୟାରଷ୍ଟ୍ରିପ୍ ନିର୍ମାଣ, ଧାମରା ବନ୍ଦରରେ ଏଲ୍.ଏନ୍.ଜି. ଗ୍ୟାସ ଟର୍ମିନାଲ ଏବଂ ପାଇପ ଯୋଗେ ରାଜ୍ୟର ବିଭିନ୍ନ ଅଂଚଳକୁ ଗ୍ୟାସ ଯୋଗାଣ ପାଇଁ ଟାଙ୍କି ନିର୍ମାଣ ଆଦି କାର୍ଯ୍ୟର ସମୀକ୍ଷା କରିଥିଲେ। ଜାମୁଝାଡିରୁ ଧାମରା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ଅବଶିଷ୍ଟ କାମ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ପୂର୍ବରୁ କାମ ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟ ଶାସନ ସଚିବ ପୂର୍ତ୍ତ ବିଭାଗ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଡ଼ିସେମ୍ବର ଶେଷସୁଦ୍ଧା ମନ୍ତେଇ ନଦୀସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବନ୍ଦର ଭିତିକ ଶିଳ୍ପାଞ୍ଚଳ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧୨୦୦ ଏକର ଜମି ଏବଂ ଧାମରା ଏୟାର ଷ୍ଟ୍ରିପ୍ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ବନ୍ଦରରେ ବାର୍ଷିକ ୫ ନିୟୁତ କ୍ଷମତା ବିଶିଷ୍ଟ ଏଲ୍.ଏନ୍.ଜି. ଗ୍ୟାସ୍ ଟର୍ମିନାଲ୍ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ସନ୍ତୋଷଜନକ ହୋଇଛି। ଏଥିରେ ପ୍ରାୟ ୬୫୦୦ କୋଟି ଟଙ୍କା ବିନିଯୋଗ ହେବ, ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏହି ଟର୍ମିନାଲ ଓଡ଼ିଶା ସମେତ ଭାରତର ପୂର୍ବ ଏବଂ ଉତର-ପୂର୍ବାଂଚଳ ରାଜ୍ୟମାନଙ୍କୁ ଗ୍ୟାସ୍ ପରିବହନରେ ସହାୟକ ହେବ। ପରେ ପରେ ଏହି ଟିମ୍ ଆରଡ଼ିଧାମ ଯାଇ ଆଖଣ୍ଡଳମଣି ମନ୍ଦିର ଏବଂ ଚର୍ତୁପାର୍ଶ୍ୱ ବିକାଶ ପ୍ରକଳ୍ପର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ସମୀକ୍ଷା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ହାତକୁ ନିଆଯାଇଥିବା ମନ୍ଦିରର ନୂଆ ସିଂହଦ୍ୱାର ନିର୍ମାଣ, ଶ୍ରାବଣମାସରେ ବାବା ଆଖଣ୍ଡଳମଣିଙ୍କ ଜଳାଭିଷେକ ପାଇଁ ଶ୍ରାବଣୀ ମଣ୍ଡପ ନିର୍ମାଣ, ଗଣେଶ ମଣ୍ଡପର ନବୀକରଣ, ଟ୍ରଷ୍ଟ୍ କାର୍ଯ୍ୟାଳୟ, ମନ୍ଦିର ଭିତରୁ ବାହାରକୁ ଜଳ ନିଷ୍କାସନ ବ୍ୟବସ୍ଥା, ମନ୍ଦିର ବେଢ଼ା ଭିତରେ ଖଣ୍ଡାଲାଇଟ୍ ପଥର ଦ୍ୱାରା ଚର୍ତୁପାର୍ଶ୍ୱ ସୌନ୍ଦର୍ଯ୍ୟକରଣ, ମନ୍ଦିରର ନୂଆ ପାଚେରୀ ନିର୍ମାଣ, ମନ୍ଦିରର ଚାରିଦିଗସ୍ଥ ଗୁମୁଟର ନବୀକରଣ ଓ ବୃକ୍ଷରୋପଣ ଆଦି କାର୍ଯ୍ୟ ଆରମ୍ଭ କରାଯାଇଛି। ଏସବୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୬ କୋଟି ଟଙ୍କା ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି। ଏହିସବୁ କାମ ନଭେମ୍ବର ୩୦ ତାରିଖ ସୁଦ୍ଧା ସାରିବା ପାଇଁ ୫-ଟି ସଚିବ ଶ୍ରୀ ପାଣ୍ଡିଆନ୍ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ପ୍ରକଳ୍ପର ୨ ୟ ପର୍ଯ୍ୟାୟ ପାଇଁ ଶ୍ରୀ ମହାପାତ୍ର ଏବଂ ଶ୍ରୀ ପାଣ୍ଡିଆନ୍ ମନ୍ଦିରର ସେବାୟତ ଓ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିଥିଲେ । ଆରଡ଼ି ମନ୍ଦିରକୁ ସଡ଼କ ସଂଯୋଗ ପାଇଁ ସାଳନ୍ଦୀ ନଦୀ ତିନିତର ଘାଟ ନିକଟରେ ସେତୁ ନିର୍ମାଣ କାର୍ଯ୍ୟ ଶିଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈତରଣୀ ନଦୀଉପରେ ପୋଲ ନିର୍ମାଣ ଏବଂ ସେବାୟତମାନଙ୍କର ଅଭାବ ଅସୁବିଧା ଆଦି ବିଷୟ ସେବାୟତମାନେ ଏହି ଟିମ୍ଙ୍କୁ ଜଣାଇଥିଲେ। ଏ ବିଷୟକୁ ସରକାର ସହୃଦୟତାର ସହ ବିଚାର କରି ନିଷ୍ପତି ନେବେ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ। ପ୍ରସିଦ୍ଧ ଆରଡ଼ିପୀଠର ସର୍ବାଙ୍ଗିନ ବିକାଶ ପାଇଁ ୫-ଟି ଶାସନ ସଚିବ ଶ୍ରୀ ପାଣ୍ଡିଆନ୍ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ,ଏସ୍.ପି.ଚରଣ ସିଂ ମୀନାଙ୍କ ସମେତ ସଂପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

# ଆକାଶଛୁଆଁ ଦରବୃଦ୍ଧି,ଶ୍ରମିକ ଛଟେଇ ପ୍ରତିବାଦରେ ଏଆଇଟିୟୁସିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କେନ୍ଦୁଝର, ୨୩।୯(ପି.ଏନ): ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ (ଏ.ଆଇ.ଟି.ୟୁ.ସି) ୧୧ଦଫା ଦାବୀ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରମିକମାନେ କାଳୀପଡିଆଠାରୁ ରାଲିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ତଥା ଆକାଶଛୁଆଁ ଦରବୃଦ୍ଧି,ପେଟ୍ରୋଲ ଓ ଡିଜେଲ ର ଦରବୃଦ୍ଧି,ମାଲିକମାନଙ୍କ ସପକ୍ଷରେ ଶ୍ରମ ଆଇନର ପରିବର୍ତନ,ଦରବୃଦ୍ଧି ଅନୁସାରେ ଶ୍ରମିକମାନଙ୍କର ମଜୁରୀ ବୃଦ୍ଧି ହେଉନାହିଁ। ନୂତନ କାରଖାନା ପ୍ରତିଷ୍ଠା ନକରି ଚାଲୁଥିବା କାରଖାନା ବନ୍ଦ କରିବା,ସରକାରୀ ଶିଳ୍ପକୁ ପ୍ରଧାନମନ୍ତ୍ରୀଙ୍କ ଦୁଇବନ୍ଧୁ ଆଦାନୀ ଓ ଅମ୍ବାନୀଙ୍କୁ ବିକ୍ରୀ କରିବା,ଭାରତୀୟ ରେଳ ଓ ଡିଫେନ୍ସ ଭଳି ସମ୍ବେଦନଶୀଳ ସଂସ୍ଥାକୁ ବିଦେଶୀ କମ୍ପାନୀକୁ ବିକ୍ରି କରିବା ଆଦି ନୀତି କୁ ବିରୋଧ କରାଯାଇଥିଲା। ବେକାରୀ ସଂଖ୍ୟା ଦିନ କୁ ଦିନ ବଢିବାରେ ଲାଗିଥିଲେ ମଧ୍ୟ ସରକାର ଚୁପ୍ ରହୁଛନ୍ତି। ନିଯୁକ୍ତି ନଥିବାରୁ ପ୍ରତ୍ୟେକ ପରିବାରର ଶିକ୍ଷିତ ଯୁବକ/ଯୁବତୀମାନେ ବାପା ମା' ଉପରେ ବୋଝ ହୋଇଗଲେଣି। ଖଣିରେ ଶ୍ରମିକ ନିଯୁକ୍ତି ବଦଳରେ ବଡ ବଡ ମେସିନ ଯୋଗେ ଖଣି କାର୍ଯ୍ୟ କରାଯାଉଥିବାରୁ ଖଣି ଉପରେ ନିର୍ଭରଶୀଳ ଶ୍ରମିକ କାମଧନ୍ଦା ହରାଇଛନ୍ତି। ମୁଦ୍ରାସ୍ଫିତି ବୃଦ୍ଧି ପାଇବା ସହ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଏହା ବ୍ୟତିତ ଏ.ଆଇ.ଟି.ୟୁ.ସି ପକ୍ଷରୁ ୧୧ ଦଫା ଦାବୀ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଭିନ୍ନ ଖଣି କମ୍ପାନୀ ଦ୍ୱାରା ପାଇପ ଯୋଗେ ଲୁହାପଥର ଗୁଣ୍ଡ ପରିବହନ ବନ୍ଦ କରାଯାଇ ସ୍ଥାନୀୟ ଟ୍ରକ ବ୍ୟବସାୟୀଙ୍କୁ ପରିବହନ ସୁବିଧା ଦିଆଯାଉ,କେନ୍ଦୁଝର ଜିଲ୍ଲାରେ ସମସ୍ତ ବନ୍ଦ ଖଣି ଓ କାରଖାନା ଖୋଲାଯାଇ ଛଟେଇ ଶ୍ରମିକ ମାନଙ୍କୁ ନିଯୁକ୍ତି ଦିଆଯାଉ,ଚାଲୁଥିବା ଖଣି ଓ କଳକାରଖାନାରେ ଛଟେଇ ହୋଇଥିବା ଶ୍ରମିକ ଓ ସ୍ଥାନୀୟ ଯୁବକ ଯୁବତୀମାନେଙ୍କୁ ନିଯୁକ୍ତି ଦେବା ପାଇଁ ବାଧ୍ୟ କରାଯାଉ,ଜିଲ୍ଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟରେ ସମସ୍ତ ପଦବୀ ପୂରଣ ସହ ବିଭାଗକୁ ଅଧିକ କାର୍ଯ୍ୟକ୍ଷମ କରାଯାଉ,ନିର୍ମାଣ ଶ୍ରମିକ ମାନଙ୍କ ପଞ୍ଜିକରଣ ତୁରନ୍ତ କରାଯିବା ସହ ବକେୟା ସହାୟତା ରାଶି ତୁରନ୍ତ ପ୍ରଦାନ କରାଯାଉ,ଯୋଡା-ବଡବିଲ ଖଣି ଅଂଚଳରେ ଇ.ଏସ.ଆଇ ତରଫରୁ ୫୦୦ଶର୍ଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ ସହ ଯୋଡା କେନ୍ଦ୍ରୀୟ ହସ୍ପିଟାଲ ରେ ଅଧିକ ଡାକ୍ତର ନିଯୁକ୍ତି ସହ ଔଷଧ ଯୋଗାଇ ଦିଆଯାଉ।











## ଟି ଟାଇମ୍

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟୋନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଭ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ଦ୍ଦଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ପିସିସି ସଭାପତିଙ୍କ ରାଉରକେଲା ଗସ୍ତ: ଜିଲ୍ଲା କଂଗ୍ରେସ ତରଫରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଗତକାଲି ଦିନିକିଆ ରାଉରକେଲା ଗସ୍ତରେ ଆସି ପୂର୍ବାହ୍ନରେ ପାନପୋଷ ଗାନ୍ଧୀ ଛକଠାରେ ପହଞ୍ଚିଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସ ତରଫରୁ ପାନପୋଷ ଗାନ୍ଧୀ ଛକଠାରେ ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇ ଏକ ବିଶାଳ ମୋଟର ସାଇକେଲ୍ ଶୋଭାଯାତ୍ରାରେ ସହରର ମୁଖ୍ୟମାର୍ଗ ଦେଇ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା । କଂଗ୍ରେସ ଭବନଠାରେ ଶ୍ରୀ ପଟ୍ଟନାୟକ ପହଞ୍ଚିବା ପରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ । କଂଗ୍ରେସ ଭବନ ସମ୍ମୁଖସ୍ଥ ପଡିଆରେ ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଶ୍ରୀ ପଟ୍ଟନାୟକ ସମ୍ବର୍ଦ୍ଧନାର ଉତ୍ତରରେ ବକ୍ତବ୍ୟ ରଖି କଂଗ୍ରେସ ସଙ୍ଗଠନକୁ ରାଉରକେଲା ଅଧିକ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ରାଉରକେଲା ଏକ ସଚେନତନଶୀଳ ବୁଦ୍ଧିଜୀବୀଙ୍କ ଆବାସସ୍ଥଳ ବୋଲି ମତ ରଖି ଏଠାରେ କଂଗ୍ରେସ କର୍ମୀମାନେ ନିଷ୍ଠାର ସହିତ ଶୃଙ୍ଖଳିତ ଭାବେ କାମ କଲେ କଂଗ୍ରେସର ବିଜୟ ନିଶ୍ଚିତ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ସମ୍ପ୍ରତି ରାଜ୍ୟରେ ୨୨ ବର୍ଷର ଏକ ଭ୍ରଷ୍ଟାଚାରୀ ସରକାର ଓ କେନ୍ଦ୍ରରେ ୮ ବର୍ଷର ସ୍ୱେଚ୍ଛାଚାରୀ ତଥା ବିଭାଜନକାରୀ ସରକାରର ଦୌରାତ୍ମ୍ୟରେ ଲୋକେ ଅତିଷ୍ଠ ହେଲେଣି ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରି ଆସନ୍ତା ୨୦୨୪ ନିର୍ବାଚନରେ ରାଜ୍ୟବାସୀ କଂଗ୍ରେସକୁ ନିଶ୍ଚିତ ଭାବରେ କ୍ଷମତାସୀନ କରିବେ ବୋଲି କହିଥିଲେ । ତେଣୁ ୨୦୨୪ ପାଇଁ ଏବେଠାରୁ କଂଗ୍ରେସ ତାର ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରି ଆସନ୍ତା ଅକ୍ଟୋବର ୩୧ରୁ ଓଡିଶାରେ ଭାରତ ଯୋଡ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି ବୋଲି ସୂଚନା ଦେଇ ଏହି ଭାରତ ଯୋଡ ପଦଯାତ୍ରା ରାଉରକେଲା ଦେଇ ଅତିକ୍ରମ କରିବ ବୋଲି କହିଥିଲେ । ଏହି ଅବସରରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ସ୍ମୃତିରଂଜନ ଲେଙ୍କା ଯୋଗଦାନ କରି ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ସମ୍ବୋଧିତ କରିବା ସହିତ ରାଜ୍ୟ ସଭାପତି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ କଂଗ୍ରେସର ବିଜୟ ନିଶ୍ଚିତ ବୋଲି ପ୍ରକାଶ କରିବା ସହିତ ଏଥିରେ ଆଗାମୀ ଦିନରେ ଯୁବକମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ବକ୍ତବ୍ୟ ରଖି ରାଜଗାଙ୍ଗପୁର ବିଧାୟକ ରାଉରକେଲା ସହର ପ୍ରତିଷ୍ଠାରେ କଂଗ୍ରେସର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରି ଏଠାରେ ଯାହାକିଛି ବିକାଶ କଂଗ୍ରେସ ପାଇଁ ସମ୍ଭବ ହୋଇଛି ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲିର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଲୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ରାଜ୍ୟ ସାଧାରଣ ସମ୍ପାଦକ ରବି ରାୟ, ପୂର୍ବତନ ପିସିସି ସମ୍ପାଦକ ସବୀର ହୁଏନ, ଗଣେଶ ପ୍ରଧାନ ଓ ରଶ୍ମିରଂଜନ ପାଢୀ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବକଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ବରିଷ୍ଠ ନେତା ରାମାନନ୍ଦ ଶ୍ରୀଚନ୍ଦନ ପ୍ରମୁଖ ବକ୍ତବ୍ୟ ରଖି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଆଗାମୀ ଦିନରେ କଂଗ୍ରେସର ବିଜୟ ସୁନିଶ୍ଚିତ ବୋଲି ମତ ରଖିଥିଲେ । ଶ୍ରୀ ପଟ୍ଟନାୟକ ରାଜ୍ୟ କଂଗ୍ରେସ ଦାୟିତ୍ୱ ଗ୍ରହଣ ଦିନଠାରୁ ଯେପରି ଅହରହ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ସାଙ୍ଗକୁ ସରକାରଙ୍କ ଦୋଷ, ଦୁର୍ନୀତି ଓ ଦୁର୍ବଳତାକୁ ଉଜ୍ଜୀବିତ କରୁଛନ୍ତି, ତାଙ୍କ ନେତୃତ୍ୱରେ କଂଗ୍ରେସର ଜୟଯାତ୍ରାକୁ କେହି ରୋକିପାରିବେ ନାହିଁ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ପିସିସି ସଭ୍ୟା ପ୍ରଭାତୀ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ରାଜକୁମାର ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସେବାଦଳର ବରିଷ୍ଠ କର୍ମୀ ଶ୍ରୀ ଘିସାଲାଲ ଶର୍ମା ଦୀର୍ଘ ୫୦ ବର୍ଷ ଧରି କଂଗ୍ରେସ ସେବାଦଳ ସଙ୍ଗଠନରେ ରହି ସେବା ପ୍ରଦାନ କରିଥିବାରୁ ସଭାପତି ଶ୍ରୀ ପଟ୍ଟନାୟକ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଡ. ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ପ୍ରସାଦ ବେଉରା, ପିସିସି ଉପସଭାପତି କିଶୋର ଜେନା, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିବାବେଳେ ଜିଲ୍ଲା କଂଗ୍ରେସର ଉପସଭାପତି ଉମେଶ ଶରଣ, ସନ୍ତୋଷ ବିଶ୍ୱାଳ, କୀର୍ତ୍ତନ ଦାସ ଓ ଶୋଭା ସିଂ, ଓବିସି କେନ୍ଦ୍ରୀୟ ସହସଂଯୋଜକ କୈଳାସ ସାହୁ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଏସ୍‌ସି ସେଲ୍‌ର ବିନୋଦ ତନ୍ତୀ, ଏସ୍‌ଟି ସେଲ୍‌ର ରାଜେଶ ଟପ୍ପୋ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅନ୍‌ଟକ ଅଧ୍ୟକ୍ଷ ନିହାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସିର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ସୁନ୍ନାନୀ, ପିସିସି ମହିଳା ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ରାଜ୍ୟ ସମ୍ପାଦିକା ଲତା ନାୟକ, ସାଧାରଣ ସମ୍ପାଦିକା ତୁଳସୀ ନାଗ, ଜ୍ଞାନ ପଟ୍ଟନାୟକ, ଯୁବ କଂଗ୍ରେସ ରାଜ୍ୟ ଉପସଭାପତି ନିରଂଜନ ନାୟକ, ନରୋତ୍ତମ ନାୟକ, ବ୍ଲକ୍ ସଭାପତି ବିଜୟ ଆପଟ, ଧୁସା ନାୟକ, ସୁନୀଲ ପଟ୍ଟନାୟକ, ରଘୁନାଥ ଦାସ, ସେବାଦଳର ବୁଲୁ ଦାସ ପ୍ରମୁଖ ଶୋଭାଯାତ୍ରା ଏବଂ ସମ୍ବର୍ଦ୍ଧନା ସଭାକୁ ସଫଳ କରିବାରେ ସକ୍ରିୟ ଭୂମିକା ନିର୍ବାହ କରିଥିବା ବେଳେ ଜିଲ୍ଲା କଂଗ୍ରେସ ସମେତ ଯୁବ, ଛାତ୍ର, ମହିଳା, ସେବାଦଳ, ଏସ୍‌ସି, ଏସ୍‌ଟି, ଓବିସି, ସଂଖ୍ୟାଲଘୁ ଇତ୍ୟାଦି ବିଭାଗର ୬୦୦ରୁ ଊର୍ଦ୍ଧ୍ୱ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ପଟ୍ଟନାୟକଙ୍କୁ ଶୋଭାଯାତ୍ରା ସମୟରେ ଆଇଟିଆଇ ଛକଠାରେ ଖଣ୍ଡାୟତ କ୍ଷତ୍ରୀୟ ମହାସଭା, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ସଂଖ୍ୟାଲଘୁ କଂଗ୍ରେସ ସମେତ ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷ ବିଭିନ୍ନ ଛକରେ ସମ୍ବର୍ଦ୍ଧିତ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# କବ୍ ବୁଲ୍‌ବୁଲ୍ ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ମୁଖ୍ୟ କାର୍ଯ୍ୟାଳୟ ପରିସରଠାରେ ତା୧୯.୯.୨୦୨୨ରିଖ ଠାରୁ ଆୟୋଜିତ ହୋଇଥିବା କବ୍ ବୁଲ୍‌ବୁଲ୍ ଉତ୍ସବର ଉଦ୍‌ଯାପନୀ ସମାରୋହ ତା୨୨.୯.୨୨ରିଖ ଦିନ ଅନୁଷ୍ଠିତ ହୋଇଅଛି । ୧୧ ଗୋଟି ଜିଲ୍ଲାରୁ ୫୩୫ ଜଣ କବ୍ ବୁଲ୍‌ବୁଲ୍ ଏହି ଉତ୍ସବରେ ଯୋଗଦେଇଛନ୍ତି । ତା୧୯.୯.୨୦୨୨ରିଖ ଦିନ ଅପରାହ୍ନ ୪.୦୦ ଘଟିକା ସମୟରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ରାଜ୍ୟସଭାପତି ତଥା ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ସମ୍ମାନୀତ ଅତିଥିଭାବେ ଉପସଭାପତି ଡଃ. (ଶ୍ରୀମତୀ) ମିନତୀ ବେହେରା, 'ପ୍ରଗତିବାଦୀ' କାର୍ଯ୍ୟନିର୍ବାହୀ ସମ୍ପାଦକ ଶ୍ରୀଯୁକ୍ତ ବିରୁପାକ୍ଷ ତ୍ରିପାଠୀ, ଶ୍ରୀମତୀ ପ୍ରୀତିଛନ୍ଦା ଧଳ, ଓଡିଶା ବିଧାନସଭା ସଚିବ ଶ୍ରୀଯୁକ୍ତ ଦାଶରଥୀ ଶତପଥୀ, ଆଇଏଏସ୍, ପୋଲିସ କମିଶନର, ଭୁବନେଶ୍ୱର-କଟକ ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇପିଏସ୍ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍କାଉଟ ଗାଇଡ୍‌ରେ କବ୍ ବୁଲ୍‌ବୁଲ୍‌ମାନଙ୍କ ବହୁଳ



ଯୋଗଦାନ ସେମାନଙ୍କର ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ବର୍ଣ୍ଣନା କରିଥିଲେ । ଉତ୍ସବର ବିଭିନ୍ନ ଦିନମାନଙ୍କରେ କବ୍ ବୁଲ୍‌ବୁଲ୍‌ମାନେ ମଧ ଗୋଷୀ ସଂଗୀତ, ଆଞ୍ଚଳିକ ନୃତ୍ୟ, ଅଭିନୟ, ଚିତ୍ରାଙ୍କନ, ହସ୍ତକଳା, କୁଇଜ୍, ମୀନାବଜାର ଆଦି ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ । ବିଭିନ୍ନ ଦୁଃସାହସିକ ପ୍ରକଳ୍ପରେ ଯୋଗଦାନ କରି ସେମାନଙ୍କର ଅସୀମ ସାହସିକତା ପ୍ରଦର୍ଶନ କରିବାରେ କବ୍ ବୁଲ୍‌ବୁଲ୍‌ମାନେ ପଛାଇ ନ ଥିଲେ। ଉତ୍ସବର ତୃତୀୟ ଦିବସରେ ଭୁବନେଶ୍ୱରର ମାନ୍ୟବର ମେୟର ଶ୍ରୀମତୀ ସୁଲୋଚନା ଦାସ ଯୋଗଦେଇ ପିଲାମାନଙ୍କର କାର୍ଯ୍ୟକ୍ରମ ଦେଖି ସନ୍ତୋଷ ବ୍ୟକ୍ତ କରିବା ସହିତ ସେମାନଙ୍କୁ ବହୁ ଉପଦେଶ ପ୍ରଦାନ କରିଥିଲେ। କବ୍ ବୁଲ୍‌ବୁଲ୍‌ମାନଙ୍କ ପ୍ରତ୍ୟେକଟି କାର୍ଯ୍ୟରେ ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ସଦୟ ଉପସ୍ଥିତି କବ୍ ବୁଲ୍‌ବୁଲ୍‌ମାନଙ୍କୁ ପ୍ରେରଣା ଯୋଗାଇବାରେ ସହାୟକ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗତକାଲି ଡଃ. ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଉପସଭାପତି ତଥା ଅବସରପ୍ରାପ୍ତ ନ୍ୟାୟଧୀଶ (କ୍ୟାଟ) ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତି, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ରଞ୍ଜନ କୁମାର ଗିରି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ଶ୍ରୀଯୁକ୍ତ ଅଶୋକ କୁମାର ରଥ ଯୋଗଦେଇ କବ୍ ବୁଲ୍‌ବୁଲ୍‌ମାନଙ୍କ ସମସ୍ତ କାର୍ଯ୍ୟକ୍ରମ ବିଶେଷ କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟକ୍ରମ ଦେଖି ସନ୍ତୋଷବ୍ୟକ୍ତ କରିବା ସହିତ ଏପରି ଉତ୍ସବ ଆୟୋଜନର ଉଚ୍ଚ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ରାଜ୍ୟ ରାଜ୍ୟ କୋଷାଧକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ପରେ ସହ-ସମ୍ପାଦକ କବ୍ ବୁଲ୍‌ବୁଲ୍ ଉତ୍ସବର କାର୍ଯ୍ୟକ୍ରମ ବିଷୟରେ ଅତିଥିମାନଙ୍କୁ ଅବଗତ କରାଇଥିଲେ। କୁନି କୁନି କବ୍ ବୁଲ୍‌ବୁଲ୍‌ମାନଙ୍କୁ ଉଦ୍‌ବୋଧନ ଦେବାକୁ ଯାଇ ଏଇ ଅବସ୍ଥାରେ ସେମାନଙ୍କର ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମର ଯୋଗଦାନକୁ ଭୂୟସୀ ପ୍ରଶଂସା କରିବା ସହିତ ଏ ପ୍ରକାର ଉତ୍ସବ ଆୟୋଜନ ଦ୍ୱାରା ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ାହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ବିଦ୍ୟାଳୟଗୁଡିକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କବ୍ ବୁଲ୍‌ବୁଲ୍‌ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମା' ମନସା ଦେବୀ ଶକ୍ତିପୀଠ



ଶିଓ୍ୱାଲିକ୍ ପର୍ବତ ମାଳାରୁ ନେଇ କୁରୁକ୍ଷେତ୍ର ପର୍ଯ୍ୟନ୍ତ ୪୮ କୋଷର ସିନ୍ଧୁବନରେ ଋଷି-ମୁନି ମାନେ ପୁରାଣ ରଚନା କରିଥିଲେ। ଏହି ସମସ୍ତ ଭୂଭାଗ ଦେବଧରା ନାମରେ ଜଣାଶୁଣା।

ଏହି ପରମ୍ପରାରେ ହରିଆନାର ପଞ୍ଚକୁଲାରେ ଶିଓ୍ୱାଲିକ୍ ପର୍ବତମାଳାର କୋଳରେ ସିନ୍ଧୁବନର ଶେଷ ସୀମାରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆଚ୍ଛାଦିତ ଏକକମ ମନୋରମ ଏବଂ ଶାନ୍ତ ପରିବେଶରେ ମାତା ମନସା ଦେବୀଙ୍କ ମନ୍ଦିର ଅବସ୍ଥିତ। ଯଦି କୌଣସି ଭକ୍ତ ସଚ୍ଚା ମନରେ ଚାଳିଶ ଦିନ ପର୍ଯ୍ୟନ୍ତ ଲଗାତାର ମାତା ମନସା ଦେବୀ ଙ୍କର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରନ୍ତି, ତେବେ



ମାତା ମନସା ଦେବୀ ତାଙ୍କର ମନୋକାମନା ଅବଶ୍ୟ ପୂରଣ କରାଆନ୍ତି। ମାତା ମନସା ଦେବୀଙ୍କର ଚୈତ୍ର ଏବଂ ଆଶ୍ୱିନ ମାସର ନବରାତ୍ର ପର୍ବରେ ରେ ବଡ଼ ଧରଣର ମେଳା ବସିଥାଏ। ଏହି ପର୍ବ ମାତାଙ୍କର ପ୍ରମୁଖ ପର୍ବ ଭାବେ ପାଳନ କରାଯାଏ।

ମାତା ମନସା ଦେବୀଙ୍କ ମନ୍ଦିରକୁ ନେଇ କେତେକ ଧାରଣା ଓ ମାନ୍ୟତା ପ୍ରଚଳିତ ରହିଛି। ଶ୍ରୀ ମାତା ମନସା ଦେବୀଙ୍କ ଇତିହାସ



ଅନ୍ୟ ସିଦ୍ଧ ଶକ୍ତିପୀଠ ଭଳି ଅତି ପ୍ରାଚୀନ। ଶ୍ରୀ ମାତା ମନସା ଦେବୀଙ୍କ ଆବିର୍ଭାବ ହେବାର ଉଲ୍ଲେଖ ଶିବ ପୁରାଣରେ ରହିଛି।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ମା'ସତୀ ଯଜ୍ଞକୁଣ୍ଡରେ ଆତ୍ମାହୁତି କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣିପାରିଲେ। ଭଗବାନ ଶିବ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିଲେ, ସେ ନିଜେ ବି ବିଶ୍ୱାସ କରିପାରିଲେ ନାହିଁ। ରାଗରେ ଜର୍ଜରିତ ହୋଇ ଭଗବାନ ଶିବ ସତୀଙ୍କ ମରଶରୀର ନିଜ ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ସୁଦର୍ଶନ ଚକ୍ର ଦ୍ୱାରା ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ଖସି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ- (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା (ପାଦଖଣ୍ଡ),



(୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରାତାରିଣୀ (ସ୍ତନଖଣ୍ଡ), (୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ (ଜୋନିଖଣ୍ଡ) ଓ (୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହା ଶକ୍ତିପୀଠ ମା' "ବିରଜା" ରହିଛନ୍ତି।

ଏହି ଶକ୍ତିପୀଠରେ ମହାଭାରତର ପାଣ୍ଡବ ଭାଇମାନେ ବନବାସ ସମୟରେ ମାତା ମନସା ଦେବୀ ମନ୍ଦିରରେ ଦେବୀଙ୍କୁ ଆରାଧନା କରିଥିଲେ। ପାଣ୍ଡବମାନେ ବନବାସ ସମୟରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଏହି ଅଞ୍ଚଳକୁ ଆସିଥିବା ପ୍ରମାଣ ରହିଛି। ତେବେ ପିଞ୍ଜୌର, ସକେତଡ଼ୀ ଓ କାଲକା ଅଞ୍ଚଳରେ ପୁରାତତ୍ତ୍ୱବିତମାନଙ୍କ



ଅନୁସନ୍ଧାନରୁ ଏଠାରେ ଯେଉଁ ପ୍ରାଚୀନ ପଦାର୍ଥ ମିଳିଛି, ତାହା ପାଷାଣ ଯୁଗର ବୋଲି କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଆଦିମ କାଳରେ ମଧ୍ୟ ଏହି କ୍ଷେତ୍ରରେ ମଣିଷର ଅବସ୍ଥାନ ଥିଲା ଓ ସେ ଦେବୀ ଦେବତାଙ୍କୁ ପୂଜା କରୁଥିଲେ। ଏଣୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କ ମନ୍ଦିର ବିଦ୍ୟମାନ ଥିବା ଜଣା ପଡୁଛି।

ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠମାନଙ୍କ ମଧ୍ୟରେ ହିମାଚଳ ପ୍ରଦେଶର କାଙ୍ଗଡ଼ାରେ ମାତା ସତୀଙ୍କ ମସ୍ତକ ଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା। ସେହିପରି ଏଠାରେ ମାତାଙ୍କ ମସ୍ତକ ପଡ଼ିବାରୁ ବ୍ରଜେଶ୍ୱରୀ ଦେବୀ ଶକ୍ତିପୀଠ, ଜ୍ୱାଳାମୁଖୀରେ ଜିହ୍ୱା ଖଣ୍ଡ ପଡ଼ିବାରୁ ଜ୍ୱାଳାଜୀ, ମନର ଭାଗ ପଡ଼ିବାରୁ ଛିନ୍ନ ମସ୍ତିକା, ନୟନରୁ ନୟନ ଦେବୀ ହୋଇଛନ୍ତି।

ସେହିପରି ତ୍ରିପୁରାରେ ଜଙ୍ଘ ଖଣ୍ଡ ପଡ଼ିବାରୁ ମାତା ଜୟନ୍ତୀ ଦେବୀ, କୋଲକତାରେ ଡ଼ାହାଣ ପାଦ ଅଙ୍ଗୁଳି ପଡ଼ିବାରୁ କାଳୀ ମନ୍ଦିର, ସହରାନପୁର ନିକଟ ଶିଓ୍ୱାଲିକ୍ ପର୍ବତ ଉପରେ ମସ୍ତକ ଖଣ୍ଡ ପଡ଼ିବାରୁ ଶକୁମ୍ବରୀ, କୁରୁକ୍ଷେତ୍ରରେ ଗଳାର ଆଭୂଷଣ ପଡ଼ିବାରୁ ଭଦ୍ରକାଳୀ ଶକ୍ତିପୀଠ ତଥା ଶିଓ୍ୱାଲିକ୍ ଗିରିମାଳାରେ ଦେବୀଙ୍କ ମସ୍ତିଷ୍କର ଅଗ୍ରଭାଗ ପଡ଼ିବାରୁ ମନସା ଦେବୀ ଶକ୍ତିପୀଠ ସୃଷ୍ଟି ହେଲା।

ବର୍ଷର ବିଭିନ୍ନ ସମୟରେ ମାତା ମନସା ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମାତା ମନସା ଦେବୀଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତା ମନସା ଦେବୀଙ୍କୁ ପୂଜା କରିବାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

**ଶରତ କୁମାର ରାଉତ**
*ଭୁବନେଶ୍ୱର, ମୋ: ୯୩୩୭୩୭୬୯୪୮*

# ଅହିଂସା ରଥକୁ ଧର୍ମଶାଳା ଅଂଚଳରେ ଭବ୍ୟ ସମ୍ବର୍ଦ୍ଧନା



ଧର୍ମଶାଳା (ପିଏନ୍): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦ୍ କି ଅମୃତ ମହୋତ୍ସବ ଅବସରରେ ସ୍ୱାଧୀନତାର ବାର୍ତ୍ତା ତଥା ମହାତ୍ମା ଗାନ୍ଧିଙ୍କ ସତ୍ୟ, ଶାନ୍ତି ଓ ଅହିଂସା ମହାମନ୍ତ୍ରରେ ଅନୁପ୍ରେରିତ କରିବା ଉଦ୍ଦେଶ୍ୟରେ ସୂଚନା ଓ ଲୋକସମ୍ପର୍କ ପକ୍ଷରୁ ରାଜ୍ୟବ୍ୟାପୀ ପରିକ୍ରମା କରୁଥିବା ଅହିଂସା ରଥକୁ ଗତକାଲି ଧର୍ମଶାଳା ବ୍ଲକ ଜାରକାଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ଅହିଂସା ରଥ ୧୬ ନଂ. ଜାତୀୟ ରାଜପଥ ଜାରକା ଛକଠାରେ ପହଁଚିବା ପରେ କଲେଜର ଛାତ୍ରଛାତ୍ରୀ, ବିଭିନ୍ନ ମହିଳା ସଙ୍ଗଠନ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ବରିଷ୍ଠ ନାଗରିକ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆଇନଜୀବୀ ସଂଘ ଓ ସମାଜସେବୀ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ଜାରକାସ୍ଥିତ ସିଭିକ ସେଂଟର ପରିସରରେ ମହାତ୍ମା ଗାନ୍ଧିଙ୍କ କଥା ଓ ଗାଥାକୁ ମନେପକାଇ ଅହିଂସା ଓ ଦେଶପ୍ରେମର ବାର୍ତ୍ତା ସମ୍ପର୍କରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ସ୍ୱାଗତ ଦାସ, ଜିଲ୍ଲାପରିଷଦ ସଭ୍ୟ ଜଳଧର ମାହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ସିଡିପିଓ ସୁଲତା ନାୟକ, ଆଇନଜୀବୀ ସନ୍ତୋଷ ତରାଇ, ଗୋକର୍ଣ୍ଣିକା ଅନୁଷ୍ଠାନ ପକ୍ଷରୁ ସଭାପତି ରମାକାନ୍ତ ଜେନା, ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଅଧ୍ୟାପକ ବିଜୟ କୁମାର ନାୟକ, ବରିଷ୍ଠ ନାଗରିକ ମଂଚ ପକ୍ଷରୁ ବିବେକାନନ୍ଦ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପରେ ଅହିଂସା ରଥ ଶାନ୍ତି ବଜାର ଦେଇ କାଏମା ବଜାରସ୍ଥିତ ଗାନ୍ଧି ମୂର୍ତ୍ତି ପର୍ଯ୍ୟନ୍ତ ନିଆଯାଇଥିଲା । ସେଠାରେ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ ଓ ଜନସାଧାରଣ ସାମିଲ ହୋଇ ରଥକୁ ସମ୍ବର୍ଦ୍ଧନା ଜଣାଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା ।

# କୁହୁଡ଼ି ଲବଣ ସତ୍ୟାଗ୍ରହୀ ସ୍ମୃତିପୀଠର ବିକାଶ ପାଇଁ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଲେ ଉତ୍କଳ ସଂଗ୍ରାମୀ ସ୍ମୃତି କମିଟିର ପ୍ରତିନିଧିମଣ୍ଡଳୀ



ଭୁବନେଶ୍ୱର (ପିଏନ୍)-ଭାରତର ମୁକ୍ତି ସଂଗ୍ରାମରେ ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ଏକ ପ୍ରମୁଖ ଘଟଣା। ସାବରମତୀ ଆଶ୍ରମରୁ ଦାଣ୍ଡି ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀଙ୍କ ଉକ୍ତ ଯାତ୍ରାର ଅନୁସରଣରେ ଭାରତବର୍ଷର ବିଭିନ୍ନ ସ୍ଥାନରେ ଲବଣ ସତ୍ୟାଗ୍ରହ କରାଯାଇଥିବା ବେଳେ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କୁହୁଡ଼ିଠାରେ ସତ୍ୟାଗ୍ରହୀମାନଙ୍କଦ୍ୱାରା ୧୯୩୦ ମସିହା ମଇ-୨୧ ତାରିଖରେ ଲବଣ ସତ୍ୟାଗ୍ରହ ସଂଗଠିତ ହୋଇଥିଲା। ଲବଣ ଆଇନ ଅମାନ୍ୟ କରି ଇଂରେଜମାନଙ୍କ ଲାଠିଚାଳନାରେ ବହୁ ସତ୍ୟାଗ୍ରହୀ ଲହୁ-ଲୁହାଣ ହୋଇ କାରାବରଣ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ପୀଠଟି ସେହିଭଳି ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଯେପରି ଭାବରେ ଏହାର ବିକାଶ କରାଯିବା କଥା ତାହା କରାଗଲା ନାହିଁ। ଫଳରେ ସତ୍ୟାଗ୍ରହୀ ସଂଗ୍ରାମୀ ଦାୟାଦଙ୍କୁ ଏହା ମର୍ମାହତ କରିଛି। ତେଣୁ ଏହାର ସାମଗ୍ରୀକ ବିକାଶ ପାଇଁ ଗତକାଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ଏକ ଆଠଜଣିଆ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ବରେଣ୍ୟ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲଙ୍କୁ ରାଜଭବନରେ ଭେଟି ସାକ୍ଷାତ ଆଲୋଚନା କରି ଏକ ୧୫ ଦଫା ସମ୍ବଳୀତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ମହୋଦୟ କୁହୁଡ଼ି ଲବଣ ସତ୍ୟାଗ୍ରହ ସ୍ମୃତିପୀଠକୁ ନିକଟ ଭବିଷ୍ୟତରେ ପରିଦର୍ଶନରେ ଆସିବେ ବୋଲି ପ୍ରତିନିଧିମଣ୍ଡଳୀଙ୍କୁ କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସମିତିର ସଭାପତି ସୋମନାଥ ପାତ୍ର, କାର୍ଯ୍ୟକାରୀ ସଭାପତି ଅମିୟ କୁମାର ପଟ୍ଟନାୟକ, ସଭ୍ୟ ଚିତ୍ତରଞ୍ଜନ କର, କାଳିନ୍ଦୀ ଚରଣ ଛାଟୋଇ, ମହେଶ୍ୱର ନାୟକ, ଭୋଳାନାଥ ସ୍ୱାଇଁ, ଅର୍ଜୁନ ମଲ୍ଲିକ, ପବିତ୍ର କୁମାର ସ୍ୱାଇଁ, ସତ୍ୟବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସ୍ମାରକପତ୍ରରେ କମିଟି ତରଫରୁ ଲବଣ ସତ୍ୟାଗ୍ରହ ସଂଗ୍ରାମୀ ସ୍ମୃତିପୀଠକୁ ସରକାରଙ୍କ ପକ୍ଷରୁ ଐତିହ୍ୟ ଓ ପର୍ଯ୍ୟଟନ କେନ୍ଦ୍ର ରୂପେ ଘୋଷଣା, ପ୍ରତିବର୍ଷ ସରକାରୀ ସ୍ତରରେ ମଇ ୨୧ ତାରିଖ ଉତ୍ସବ ପାଳନ, ୧୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ବସିବା ଭଳି ଏକ ଶୀତତାପ ନିୟନ୍ତ୍ରିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ ନିର୍ମାଣ, ଏକ ସୁନ୍ଦର ଉଦ୍ୟାନ ବାଟିକା ପ୍ରତିଷ୍ଠା, ଦିବଂଗତ ଲବଣ ସତ୍ୟାଗ୍ରହୀ ସଂଗ୍ରାମୀମାନଙ୍କ ଏକ ସୁଦୃଶ୍ୟ ସ୍ମୃତିସ୍ତମ୍ଭ ନିର୍ମାଣ ଓ ଉଚ୍ଚକୋଟୀର ଆଲୋକିକରଣ ବ୍ୟବସ୍ଥା, ପଣ୍ଡିତ ଗୋପବନ୍ଧୁ ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୪ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତୀ ସ୍ଥାପନ, ଏକ କମ୍ୟୁନିଟ୍ ଟଏଲେଟ ପ୍ରତିଷ୍ଠା, ସ୍ମୃତି ପୀଠର ସୁରକ୍ଷା ଓ ସୁପରିଚାଳନା ପାଇଁ ଏଠାରେ ଏକ କାର୍ଯ୍ୟାଳୟ ଗୃହ ନିର୍ମାଣ ଓ ଏକ ସ୍ଥାୟୀ ଜଗୁଆଳୀ ନିଯୁକ୍ତି ବ୍ୟବସ୍ଥା, ଅସ୍ତରଙ୍ଗସ୍ଥିତ ଲବଣ ସମବାୟ ସମିତିର ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଥିବା ସ୍ଥାନରେ ଲବଣ ସତ୍ୟାଗ୍ରହୀ ସ୍ମୃତି ମ୍ୟୁଜିୟମ ନିର୍ମାଣ, ଏହି ମ୍ୟୁଜିୟମଟିକୁ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ସ୍ୱାଇଁଙ୍କ ନାମରେ ନାମିତ ଏବଂ ଏଠାରେ ଏକ ଟାଉନ ହଲ୍ ଓ ସର୍ବସାଧାରଣ ପାଠାଗାର ପ୍ରତିଷ୍ଠା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଲବଣ ସତ୍ୟାଗ୍ରହୀ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ସ୍ୱାଇଁ ସ୍ମୃତି ବିଦ୍ୟାପୀଠକୁ ସରକାରୀ ସହାୟତାରେ ଏକ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ପରିଣତ, ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ କୁହୁଡ଼ି ସ୍ମୃତିପୀଠକୁ ସରକାରୀ ଖାତାରେ ରେକର୍ଡ଼ଭୁକ୍ତ, କୁହୁଡ଼ି ଗ୍ରାମକୁ ସରକାରଙ୍କ ତରଫରୁ ଆଦର୍ଶ ଗ୍ରାମରେ ପରିଣତ, ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ପକ୍ଷରୁ କୁହୁଡ଼ିଠାରେ ଏକ ସ୍ୱତନ୍ତ୍ର ଆତ୍ମନିଯୁକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ଓ କୁହୁଡ଼ି ଲବଣ ସତ୍ୟାଗ୍ରହ ଇତିହାସ ସମ୍ବନ୍ଧରେ ସମସ୍ତ ସରକାରୀ ପାଠ୍ୟପୁସ୍ତକରେ ସୂଚୀତ କରାଯିବା ପାଇଁ ଉଲ୍ଲେଖ କରାଯାଇଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୨୪

# ମନୁଷ୍ୟର ମାନସିକତା



ଥରେ ମୁଁ ଓ ମୋର ଜଣେ ଘନିଷ୍ଠ ବାନ୍ଧବୀ ଜଣେ ସାଧୁ ଦେଉଥିବା ପ୍ରବଚନକୁ ଶୁଣିବାକୁ ଯାଇଥିଲୁ। ପ୍ରଥମ ଦିନ ସାଧୁ କହିଥିଲେ ସାହସିକତା ଓ ଆତ୍ମବିଶ୍ୱାସ ମଣିଷକୁ ବଡ଼ କରି ତୋଳେ କିନ୍ତୁ ଭୟଭ୍ରାନ୍ତି ମଣିଷର ଦୁଇ ଶତ୍ରୁ ଓ ସେମାନେ ମଣିଷର ସଫଳତାରେ ବାଧକ ହୋଇଥାନ୍ତି। ଦ୍ୱିତୀୟ ଦିନ କହିଥିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ଅଛି ଓ ଭଗବାନଙ୍କ ନିକଟରେ ସମସ୍ତ ସମସ୍ୟା ସମାଧାନର ବାଟ ରହିଛି। ସାହସିକତା, ଆତ୍ମବିଶ୍ୱାସ କିପରି ସଫଳତାର ଚାବିକାଠି ତାହାକୁ ବୁଝାଇବାକୁ ଯାଇ ସେ କଲମ୍ବସ, ଲୁଇସପାଶ୍ଚର, ମିଲଟନ, ବେଥୋଭେନ, ହେଲେନକେଲରଙ୍କର ଉଦାହରଣ ଦେଇଥିଲେ। ସେ କହିଥିଲେ ସିଂହର ଭୟ ନଥାଏ ଓ ଭୟ ଥିବା ଜୀବକୁ ସିଂହ କୁହାଯାଇପାରେନା।

ମୁଁ ମୋର ବାନ୍ଧବୀକୁ ପଚାରିଲି ଆଜିର ପ୍ରବଚନ କିପରି ଲାଗିଲା। ସେ କହିଲା କହିବା ଓ ଶୁଣିବା ବଡ଼ ସହଜ କିନ୍ତୁ ଦୈନନ୍ଦିନ ଜୀବନରେ ଏହାକୁ ପାଳନ କରିବା ଅତ୍ୟନ୍ତ କଷ୍ଟକର। ତୃତୀୟ ଦିନ ପ୍ରବଚନରେ ସାଧୁ କହିଲେ ମା’ ସର୍ବଂସହା, ସତ୍ୟ, ଗର୍ଭଧାରିଣୀ ମମତାମୟୀ। କାଳଚକ୍ରରେ ସେ କନ୍ୟା, ଭଗ୍ନୀ, ପତ୍ନୀ, ବନ୍ଧୁ, ଶାଶୁ ପ୍ରଭୃତି ଭୂମିକାରେ ଅଭିନୟ କରିଥାଏ। ଅମୃତର ଧାରା ଦେଇ ଶିଶୁକୁ ବଢ଼ାଏ ଓ ମା’ର କୋଳ ଶିଶୁପାଇଁ ନିରାପଦର ସ୍ଥାନ। ଘରକୁ ବାସଗୃହରେ ପରିଣତ କରେ, ଦୁଃଖର ଦିନକୁ ସୁଖରେ ପରିଣତ କରେ। ଗଭୀର କ୍ଷତର ଦୁଃଖକୁ ଦୂରକରେ। ଦକ୍ଷତା ଓ ସହିଷ୍ଣୁତା ଦ୍ୱାରା ଦୋଷତ୍ରୁଟିକୁ ବଦଳାଇ ଦେଇପାରେ। ବିପଦ ସମୟରେ ସେ ସାନ୍ତ୍ୱନାର ଉତ୍ସ ହୋଇଥାଏ। ତା’ ପାଖରେ ଥାଏ ଅସୀମ ବିଶ୍ୱାସ, ଦୃଢ଼ତା ଓ ଆସ୍ଥା। ତାର ସ୍ନେହ ମାଧ୍ୟମରେ ସେ ତାର ପିଲାଙ୍କ ପ୍ରତି ପ୍ରେମକୁ ପ୍ରକଟିତ କରିଥାଏ। କିନ୍ତୁ ଆଜିକାଲି ମା’ ପାଇଁ ଉତ୍ସର୍ଗୀକୃତ ଦିନଟି ଛଡ଼ା ଅନ୍ୟ ଦିନମାନଙ୍କରେ ପିଲାମାନେ ମା’ଙ୍କୁ ମନେପକାଉନାହାଁନ୍ତି।

ତା’ ପରଦିନ ପ୍ରବଚନ ଶୁଣିବାକୁ ଯିବା ପୂର୍ବରୁ ମୋର ବାନ୍ଧବୀ ମତେ ତାଙ୍କର ଘରର ପୋଖରୀକୂଳକୁ ନେଇଗଲେ। ସେ ପୋଖରୀରେ ବଡ଼ ବଡ଼ ମାଛ ଥାଆନ୍ତି। ବାନ୍ଧବୀ କହିଲା ଯେ ପ୍ରବଚନରୁ ତୁ ଯଦି କିଛି ଶିକ୍ଷା କରିଥାଉ ତେବେ ଭଗବାନଙ୍କ କୃପାରୁ ତାହା ଏଠାରେ ପ୍ରତିଫଳିତ ହେବ। ତାର କଥା ସରିଚି ନା ନାହିଁ ଗୋଟିଏ ବଡ଼ ମାଛ କୂଳ ପାଖକୁ ଆସିଲା ଓ ସେଠାରେ ବୁଲୁଥିବା ଗୋଟିଏ ଛୋଟ ମାଛକୁ ଗିଳିଦେଲା। ବାନ୍ଧବୀ କହିଲା ଏପରି ଏକ ଦୃଶ୍ୟକୁ ଦେଖି ଦିନେ ବୁଦ୍ଧଙ୍କ ମନ ତରଳି ଯାଇଥିଲା। ଏହାକୁ ଦେଖି ତୋର ମନରେ ନିରାମିଷାଶୀ ହେବାର ବାସନା ଉଦ୍ରେକ ହେଉଛି କି ? ମୁଁ କହିଲି ନା, କାରଣ ଆମିଷ ଭକ୍ଷଣ କରିବାକୁ ମତେ ଖୁବ ଭଲ ଲାଗୁଥିଲା।

ଏହାପରେ ଆମେ ପ୍ରବଚନ ଶୁଣିବାକୁ ଗଲୁ। ବାଟରେ ଯାଉଥିବା ସମୟରେ ଗୋଟିଏ ଗାଡ଼ିରେ କୁକୁଡ଼ାମାନେ କୁକୁଡ଼ା ଚାଷ ହେଉଥିବା କେନ୍ଦ୍ରରୁ ଲଦା ହୋଇ ଆସୁଥିଲେ। ଆଉ ଏକ ଗାଡ଼ିରେ ଛେଳି ଓ ଗୋମାତାମାନେ କଂସେଇଖାନାକୁ ବୋଝେଇ ହୋଇ ଆସୁଥିଲେ। ଏହା ଦେଖି ବାନ୍ଧବୀ କହିଲା ଦେଖ ତୋର ଅତି ପ୍ରିୟ ଖାଦ୍ୟମାନେ କିପରି ଲଦା ହୋଇ ଯାଉଛନ୍ତି। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ମଧ୍ୟ ସେମାନଙ୍କୁ କଷ୍ଟ ହେଉଥିବ। କହିଲୁ ଦେଖି ଛୁଆ କୁକୁଡାଟି ଆଗରେ ତାର ମା’ କୁକୁଡ଼ାକୁ ଯେତେବେଳେ ହତ୍ୟା କରାଯାଉଥିବ ଓ ତାହାକୁ ଲୋକମାନେ ନେଇ ଆନନ୍ଦରେ ଖାଉଥିବେ ଛୁଆ କୁକୁଡ଼ା ମନରେ କ’ଣ ଭାବନା ଚାଲୁଥିବ। ମୁଁ କହିଲି ପଶୁମାନଙ୍କର ଏପରି ଉନ୍ନତ ଭାବନା ନଥାଏ, ନହେଲେ ମା’ ଆଗରେ ଶିଶୁର ହତ୍ୟା ଓ ଶିଶୁ ଆଗରେ ମା’ର ହତ୍ୟା ନିଶ୍ଚୟ ବିଭତ୍ସଜନକ।

ସେଦିନ ସାଧୁ ତାଙ୍କ ପ୍ରବଚନରେ କହିଲେ ଯେ ମାଂସ କଟାଯାଉଥିବା ସ୍ଥାନରେ ଗୋଟିଏ ପରିବାରର ବାପା, ମା ଓ ଛୋଟ ପିଲାମାନେ ଏକାଠି ଠିଆ ହୋଇଥାନ୍ତି। ସେଠାରେ ତାଙ୍କ ପରି ଅନ୍ୟ ପରିବାରର ଲୋକମାନେ ମଧ୍ୟ ଗହଳି କରୁଥାନ୍ତି। ସମସ୍ତେ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରୁଥାନ୍ତି, ଯେ କିପରି ଭାବେ ଆଗ ମାଂସ ନେଇ ଘରକୁ ଫେରିବେ। ମାଂସକଟାଳି ଗୋଟିଏ ଛେଳିକୁ ହାଣି ତାର ଗୋଡ ଦୁଇଟିକୁ ଭାଙ୍ଗି ଦଉଡିରେ ଟାଙ୍ଗି ଦେଲା। ତାର ଦେହରୁ ସମସ୍ତ ଚମଡ଼ାକୁ ଛଡ଼ାଉଥିବା ବେଳେ ରକ୍ତ ଟପ ଟପ ହୋଇ ଝରି ପଡୁଥିଲା। ମାଂସ ବିକାଳି କଟା ଯାଇଥିବା ଛେଳି ଉପରେ ପାଣି ପକାଇ ସଫା କରୁଥିବା ସମୟରେ ଅନ୍ୟ ଛେଳିମାନଙ୍କର ବେଦନାକୁ ଗ୍ରାହକମାନେ ଶୁଣିପାରି ନଥିଲେ। ଚାଲିଥିଲା ପ୍ରତିଯୋଗିତା। କିଏ କହୁଥାଏ ମୋର କିଲେ, କିଏ କହୁଥାଏ ମୋର ଅଧକିଲୋ ଏହିପରି। ହଠାତ ଜଣେ ସ୍ତ୍ରୀ ଲୋକ କହିଉଠିଲେ ‘ଭାଇ ମତେ କିଛି କଳିଜା ଦେବ’, ଆଉ ଜଣେ ସ୍ତ୍ରୀ ଲୋକ କହି ଉଠିଲେ ତୁମେ ଚର୍ବି ନ ଦେଉଥିବାରୁ ମାଂସ ତରକାରି ଭଲ ହେଉନାହିଁ। ଆଉ ଜଣେ ଭଦ୍ର ବ୍ୟକ୍ତି କହିଲେ ମତେ ଫଡ଼ିଆରୁ ଦେବ, ମୋ ପୁଅ ଫଡ଼ିଆ ଖାଇବାକୁ ଭାରି ଭଲପାଏ। ଆଉ ଜଣେ ଭଦ୍ରବ୍ୟକ୍ତି କହୁଥାନ୍ତି ଭାଇ ମତେ ସିହ୍ନା ଦେବ। ମତେ ତ’ ହାଡ଼ର ଶସ ଭାରି ଭଲ ଲାଗେ। ସାଧୁ କହିଲେ କହିଲ ଦେଖି ଯେଉଁମାନେ ମାଂସ କିଣିବାକୁ ଆସିଥିଲେ ଓ ଯେଉଁମାନେ ମାଂସ ଭକ୍ଷଣ କରନ୍ତି ସେମାନେ କି ପ୍ରବୃତ୍ତିର ଲୋକ ହୋଇଥିବେ? ମଣିଷ ନା ଅସୁର।

ସେ ଦିନର ଏକଥା ଆଜି ପର୍ଯ୍ୟନ୍ତ ମୋର ମନେଅଛି। ଆଜି ପ୍ରବଚନ ନୁହେଁ ବରଂ ଡାକ୍ତରଙ୍କ ପରାମର୍ଶକ୍ରମେ ମୁଁ ଆମିଷ ଭକ୍ଷଣରୁ ବଞ୍ଚିତ ହୋଇଛି। ବିଭିନ୍ନ ରୋଗ ଯୋଗୁଁ ମତେ ଏସବୁଥିରୁ କ୍ଷାନ୍ତ ହେବାକୁ ପଡ଼ିଛି ଓ ମୁଁ ଅନୁଭବ କରିପାରୁଛି ସମସ୍ତ ଜୀବନ୍ତ ଜୀବମାନଙ୍କ ମଧ୍ୟରେ ଭଗବାନ ବିଦ୍ୟମାନ ଓ ପ୍ରତ୍ୟେକ ପ୍ରାଣୀର ଏ ପୃଥିବୀରେ ବଞ୍ଚିରହିବାର ଅଧିକାର ଅଛି। ‘ଜୀବେ ଦୟା’ ଏହା ଆମର ପ୍ରଧାନ ମନ୍ତ୍ର ହେବା ଦରକାର।

**ଅନୀତା ପଟ୍ଟନାୟକ**, ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ, ଦୂରଭାଷ: ୯୬୯୨୯୮୦୦୨୬

## ଆଜିର ଅନୁଚିନ୍ତା

*ଶରୀର ନଶ୍ୱର ହେଲେ ମଧ୍ୟ ଦିବ୍ୟଜ୍ଞାନର ସାଧନ ହେତୁ ସମ୍ପୂର୍ଣ୍ଣ ତ୍ୟାଜ୍ୟ ନୁହେଁ।*

*ପାଠକୀୟ ମତାମତ ଓ ପରାମର୍ଶ ‘ପର୍ଯ୍ୟବେକ୍ଷକ’ ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା’ ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସତ୍ୟ ଓ ମିଥ୍ୟା ମଧ୍ୟରେ ସନ୍ତୁଳିତ ଆତ୍ମା



ଅଯୋଧ୍ୟାରୁ ନିର୍ବାସିତ ରାମଚନ୍ଦ୍ର ବନବାସକୁ ଯାଇ ଚିତ୍ରକୂଟରେ ଅବସ୍ଥାନ କରୁଛନ୍ତି। ପ୍ରଜାନୁରଞ୍ଜନ ରାଜା ରାମଚନ୍ଦ୍ର ପ୍ରଜାଙ୍କର ଅଗୋଚରରେ ପିତୃସତ୍ୟ ପାଳନ କରି ୧୪ ବର୍ଷ ଅରଣ୍ୟବାସରେ। ତାଙ୍କର ଏକମାତ୍ର ଧ୍ୟେୟ ଏକାନ୍ତ ସତ୍ୟରକ୍ଷା ଯାହାକୁ ସେ ନିଜ ଜୀବନରେ ପାଳନ କରିଛନ୍ତି। ଜାବାଳିକଋଷି-ତ୍ରିକାଳଦର୍ଶୀ, ସର୍ବଶାସ୍ତ୍ରଜ୍ଞ, ସୁବକ୍ତା, ଯୁକ୍ତିବାଦୀ ଯାହାଙ୍କୁ ଭରତ ନିଜ ସାଙ୍ଗରେ ନେଇ ରାମଙ୍କୁ ବନରୁ ପ୍ରତ୍ୟାବର୍ତ୍ତନ କରାଇବା ଆଶାରେ ଯାଇଛନ୍ତି। ପବିତ୍ର ଇକ୍ଷ୍ୱାକୁ ବଂଶରେ ଲାଗିଥିବା କଳଙ୍କକୁ ନିଜ ହାତରେ ଲିଭାଇବାକୁ ପଡିବା ଆଶା ମନରେ ପୋଷଣ କରିଛନ୍ତି। ରାମ କିନ୍ତୁ ନିଜ ସିଦ୍ଧାନ୍ତରେ ଅଟଳ। ଠିକ୍ ଏହି ସମୟରେ ଜାବାଳିକଙ୍କ ମୁହଁରୁ ବାହାରିଛି ଭୟଙ୍କର ବାଣୀ—ସତ୍ୟର ସମାଧି ରଚନା ନିମନ୍ତେ ଉଦ୍ଦିଷ୍ଟ ଏହି ଋଷିବାକ୍ୟ ଏବେବି ସୁବିଧାବାଦୀ ମଣିଷର ଆଦର୍ଶ ହୋଇ ରହିଛି। ଯାହା ଥିଲା “ପ୍ରତ୍ୟକ୍ଷଂ ବା ଭବାତିଷ୍ଠ ପରୋକ୍ଷଂ ପୃଷ୍ଠତଃ କୁରୁ।” ଜଗତରେ ପ୍ରତ୍ୟକ୍ଷ ହେଉଛି ଏକମାତ୍ର ସତ୍ୟ ଏବଂ ପରୋକ୍ଷ ହେଉଛି ଅସତ୍ୟ। ପ୍ରତ୍ୟକ୍ଷର ଅନୁଷ୍ଠାନରେ ବିଜ୍ଞ ଲୋକମାନେ ପରୋକ୍ଷର ଅନୁସନ୍ଧାନ କରନ୍ତି ନାହିଁ। ହେ ରାମ, ଭରତର ଅନୁରୋଧ ହେଉଛି ତୁମ ପାଇଁ ପ୍ରତ୍ୟକ୍ଷ ଓ ଦଶରଥ ପରୋକ୍ଷ। ତାଙ୍କ ପାଖରେ କରାଯାଇଥିବା ସତ୍ୟର କୌଣସି ମୂଲ୍ୟ ବର୍ତ୍ତମାନ ନାହିଁ। କାରଣ ସେ ପରୋକ୍ଷ। ତେଣୁ ତୁମେ ନିର୍ଦ୍ୱନ୍ଦ୍ୱରେ ଅଯୋଧ୍ୟା ଫେରିପାର। ମହାତପା ଜାବାଳିକ ଯାହା କହିଲେ, ସେଥିରେ ଜଣେ ଯୁକ୍ତିବାଦୀ ସଂସାରୀ ମଣିଷର ଦୃଷ୍ଟିକୋଣ ପ୍ରତିଫଳିତ। ମର୍ଯ୍ୟାଦା ପୁରୁଷୋତ୍ତମ ରାମ ଜାବାଳିକଙ୍କୁ ସତ୍ୟ ଧର୍ମ ସମ୍ପର୍କରେ ବୁଝାଇଥିଲେ। ରାମ ହେଉଛନ୍ତି ନିଚ୍ଛକ ସତ୍ୟର ପ୍ରତୀକ ଯାହାର ସଦାବେଳେ ଗୋଟିଏ ରୂପ। ତାହାର ଆଗ ପଛ ସବୁ ସମାନ। ନିଜ ମତର ପ୍ରତିଷ୍ଠା ପାଇଁ ଯୁକ୍ତିର ସାହାଯ୍ୟରେ ରାମ ତାଙ୍କ କଥା ମାନିଥିଲେ, ନୈତିକତା ବିପନ୍ନ ହୋଇଥାଆନ୍ତା। ଆଜିର ସମାଜରେ ଦେଶର ଧୂରିଣ ରାଜନେତାମାନେ ଜାବାଳିକଙ୍କ ପରୋକ୍ଷକୁ ଆପଣେଇ ସତ୍ୟପଥରୁ ବିଚ୍ୟୁତ ହେଉଛନ୍ତି।

ପୁରାଣରେ ସତ୍ୟରକ୍ଷାର ବହୁ ନଜିର ରହିଛି। କର୍ଣ୍ଣ ସତ୍ୟରକ୍ଷା କରି ନିଜ ଜୀବନକୁ ବିପନ୍ନ କରି କବଚ କୁଣ୍ଡଳ ଦାନ କରିଛନ୍ତି। ବଳି ସେଇ ସତ୍ୟ ପାଇଁ ପାତାଳଗାମୀ ହୋଇଛନ୍ତି। ଭୀଷ୍ମ ଚିରକୁମାର ରହିଛନ୍ତି। ସତ୍ୟରକ୍ଷା ପାଇଁ ହରିଶ୍ଚନ୍ଦ୍ର ଚରମ ଦୁର୍ଦ୍ଦଶା ଭୋଗିଛନ୍ତି। ଯୁଧିଷ୍ଠିର ଦ୍ୟୁତକ୍ରୀଡାର ଦାୟିତ୍ୱ ସ୍ୱୀକାର କରିନେଇ ଅରଣ୍ୟଚାରୀ ହୋଇଛନ୍ତି। ନିଜର ପ୍ରତିଶ୍ରୁତି ହିଁ ଥିଲା ସେମାନଙ୍କ ପାଇଁ ସତ୍ୟ। ମାତ୍ର ଆଜିର ସମାଜରେ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ସତ୍ୟର ମଶାଣିରେ ମିଥ୍ୟାର ସନ୍ଧାନ ହେଉଛି ଆଜିର ଛଳନାପର ମଣିଷର ଧର୍ମ। ଏଥିପାଇଁ ତା’ର କୌଣସି ଅନୁଶୋଚନା ନାହିଁ, ଅନୁତାପ ନାହିଁ। ସାମାନ୍ୟ କାରଣରୁ ସେ ସତ୍ୟର ଅପଳାପ କରୁଛି। ପରିବେଶ, ପରିସ୍ଥିତି, ଆଉ ଅଭ୍ୟାସ ଧୀରେ ଧୀରେ ଏଥିରେ ମଣିଷକୁ ଅଭ୍ୟସ୍ତ କରିଦିଏ। ଆଜିର ମଣିଷ ଯେଉଁ ଦ୍ୱୈତ ଜୀବନ ଜୀଉଛି, ସେଥିପାଇଁ ଏଇ କପଟାଚାର ବେଶ ସୁହାଉଛି। ତାର ଆଶଙ୍କା ବହୁପଛରେ ପଡିଯିବ। ଗଧମାନେ ତା’ଭଳି ଧାବନପଟୁ ଅଶ୍ୱକୁ ଅତିକ୍ରମ କରିଯିବେ। ଜୀବନର ଦୌଡରେ ସଦାବେଳେ ଯେ କଇଁଛମାନଙ୍କର ବିଜୟ ହୁଏ, ଏହି ସତ୍ୟଟିକୁ ସେ ଭୁଲି ଯାଇଥାଏ। ତା’ର ପ୍ରୟୋଜନ ଠେକୁଆର ଗତି। ଏହି ବିଦ୍ୟୁତ ଗତିରେ ସେ ଅନ୍ୟମାନଙ୍କୁ ପଛରେ ପକାଇ ବିଜୟ ସ୍ତମ୍ଭ ଆରୋହଣ କରିବ। ଏକନମ୍ବର ସ୍ଥାନରେ ଠିଆହେବ। ନ ହେଲେ ଜୀବନ ବ୍ୟର୍ଥ ହୋଇଯିବ। ଦିବସର ସ୍ୱସ୍ତି, ରାତ୍ରିର ନିଦ୍ରା ଦୁର୍ଲ୍ଲଭ ହେଉଛି, ଶରୀର ରୋଗାକ୍ରାନ୍ତ ହେଉଛି। ମାନସିକ ପ୍ରଫୁଲ୍ଲତା ଚିତରେ ବିନଷ୍ଟ ହେଉଛି। ଗୋଟିଏ ମିଥ୍ୟାକୁ ଘୋଡାଇବା ପାଇଁ ତାକୁ କୋଟିଏ ଆବରଣର ବ୍ୟବସ୍ଥା କରିବାକୁ ପଡୁଛି। ତଥାପି ତା’ର ଶେଷରକ୍ଷା ନାହିଁ। ଜୀବନ ହୋଇଯାଉଛି ଜୀବନ୍ତ ମରଣ। ସାମାନ୍ୟ ସୁବିଧା ପାଇଁ ମଣିଷ ନିଜର ପଦପଦବୀର, ଶକ୍ତି ସାମର୍ଥ୍ୟର ଅପବ୍ୟବହାର କରିବାକୁ ଭୁଲୁ ନାହିଁ। ମୋର ଜଣେ ପରଚିତ ବ୍ୟକ୍ତି ତା’ର ଏକ କାର୍ଯ୍ୟ ସରକାରୀ ଦପ୍ତରରୁ ହାସଲ କରାଇବା ପାଇଁ ସମ୍ପୃକ୍ତ କାର୍ଯ୍ୟାଳୟକୁ ଦୌଡି ଦୌଡି ଶେଷରେ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ତାରିଖ ଦିଆଯାଇ ଉକ୍ତ ଦିନରେ ତାକୁ ଏକ ସରକାରୀ ଚିଠି ଧରାଇ ଦିଆଗଲା। ସାରମର୍ମ ହେଉଛି ଅଧିକାରୀ ଆସେମ୍ବଲି କାର୍ଯ୍ୟରେ ବ୍ୟସ୍ତ ରହିବେ। ଅନୁସନ୍ଧାନ କାର୍ଯ୍ୟପରେ ତା’ର ତାରିଖ ଯଥାବିଧି ଜଣାଇ ଦିଆଯିବ। ପ୍ରକୃତରେ କଥାଟି ସେପରି ନଥିଲା, ଉକ୍ତ କାର୍ଯ୍ୟର ସଂପାଦନ ପାଇଁ ଅଧିକାରୀ ଜଣକ ଉତ୍କୋଚ ଚାହିଁଥିଲେ ଯାହାକୁ ମୋ’ ପରଚିତ ବ୍ୟକ୍ତି ଜଣକ ଦେବାପାଇଁ ଅମଙ୍ଗ ଥିଲେ। କାରଣ ତାଙ୍କ ଜୀବଦ୍ଦଶାରେ ସେ ସଦାସର୍ବଦା ସତ୍ୟ ପଥରେ ନିଜକୁ ପରିଚାଳିତ କରିଥିଲେ ଏବଂ ଲାଂଚ ମିଛଠାରୁ ଉର୍ଦ୍ଧରେ ଥିଲେ। ପ୍ରତ୍ୟେକ ମିଥ୍ୟା ଏପରି ଆସେ । ମିଥ୍ୟା ଓ ଉତ୍କୋଚ ଏକ ମୁଦ୍ରାର ଦୁଇ ପାର୍ଶ୍ୱ । ମିଥ୍ୟା ଆସିବା ଆଗରୁ ତାକୁ ଯୌକ୍ତିକତାର ଏକ ମନୋହର ପୋଷାକ ପିନ୍ଧାଇ ଦିଆଯାଇଥାଏ। ବଡ ମନୋହର ସେ ପୋଷାକ। ସେଇଆକୁ ପିନ୍ଧି ମିଥ୍ୟା ମହାଶୟ ନିଜ ପ୍ରଭୁଙ୍କର ବାଗ୍ ବୈଦଗ୍ଧ୍ୟ, ବୁଦ୍ଧି, ଦୂରଦର୍ଶିତାର ପ୍ରଶଂସା କରି ବୁଲୁଥାଆନ୍ତି। ମଠ ଧନକୁ କୋଠ କରୁଥାଆନ୍ତି। ଇତିହାସ କହେ ବିଷ୍ଣୁଗୁପ୍ତ କୌଟିଲ୍ୟ ରାଜମନ୍ତ୍ରୀ ଥାଇ କୌଣସି ସରକାରୀ ବାସଭବନ ବ୍ୟବହାର କରୁନଥିଲେ। ନଗର ଉପାନ୍ତରେ ସାମାନ୍ୟ କୁଟୀର ନିର୍ମାଣ କରି ତହିଁରେ ବସବାସ କରୁଥିଲେ। ମାତ୍ର ତାଙ୍କ କୁଟୀରରେ ରଖିଥିଲେ ଦୁଇଗୋଟି ଦୀପ। ଗୋଟିଏ ସରକାରୀ ଅନ୍ୟଟି ବ୍ୟକ୍ତିଗତ। ସରକାରୀ କାର୍ଯ୍ୟ ସମୟରେ ସରକାରୀ ଦୀପ ଜଳୁଥିଲା, ବ୍ୟକ୍ତିଗତ କାମ ସମୟରେ ବେସରକାରୀ ଦୀପ; ଯାହା ଜଣେ ଇଂରେଜୀ ସାହେବ ତାଙ୍କର ଲିଖିତ ପୁସ୍ତକରେ ବର୍ଣ୍ଣନା କରି ଭାରତୀୟ ଶାସକର ସତ୍ୟନିଷ୍ଠାର ପରିଚୟ ଦେଇଥିଲେ। ହୁଏତ ଏହି ମିଞ୍ଜିମିଞ୍ଜି ଦୀପ ଆଲୋକରେ ଅର୍ଥଶାସ୍ତ୍ର ଲେଖାଯାଇଥିବ। ଆଜିର ଆସନରେ ଥିବା ମନ୍ତ୍ରୀ, ପ୍ରଶାସକ, ବିଧାୟକ, ସାଂସଦ ଏ କଥା ନଭାବି ଯେଉଁ ତଳସ୍ତରର ଲୋକମାନଙ୍କ ମତଦାନରେ ସେ ଶାସନାରୂଢ଼ ହୋଇଛନ୍ତି, ସେମାନଙ୍କ ଜୀବନ ଜୀବିକା ବିଷୟରେ ନଭାବି ନିଜର ସ୍ୱାର୍ଥ ପାଇଁ ଦରମା ଓ ପେନସନ୍ ବୃଦ୍ଧି କରିବା କେତେ ଯଥାର୍ଥ ? ଏସବୁ କଥା ଭାବିଲା ବେଳେ ସତ୍ୟ ଓ ମିଥ୍ୟା ମଝିରେ ଆତ୍ମା ସନ୍ତୁଳିତ ହେଉଛି।

**—ଉମାଶଙ୍କର ପ୍ରସାଦ**
*ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨*

# ମାନବ ଦେହେ ଦିବ୍ୟଜ୍ଞାନ...



ପବିତ୍ର ଧର୍ମଗ୍ରନ୍ଥ ଭାଗବତରେ ଗୋଟିଏ କଥା କୁହାଯାଇଛି- ମାନବ ଦେହେ ଦିବ୍ୟ ଜ୍ଞାନ/ଦେଖି ସନ୍ତୋଷ ଭଗବାନ। ଏ କଥାରୁ ଆପାତତଃ ଗୋଟିଏ କଥା ସ୍ପଷ୍ଟ ଯେ, ମଣିଷ ନିକଟରେ ଅନେକ ଦିବ୍ୟଗୁଣର ସମାବେଶ ଘଟାଇଛନ୍ତି ଈଶ୍ୱର। ଯଥାର୍ଥରେ ସେଥିପାଇଁ କୁହାଯାଏ, ଦିବ୍ୟଗୁଣକୁ ମଣିଷ ଭିତରୁ ହଟାଇନେଲେ ମଣିଷ ପଶୁତୁଲ୍ୟ ହୋଇଯିବ। ଏହିସବୁ ଦିବ୍ୟଜ୍ଞାନ ମଧ୍ୟରୁ ଏକ ମହାନ୍ ଗୁଣ ହେଲା ସହନଶୀଳତା। ଏହା ଏମିତି ଏକ ଅସ୍ତ୍ର ଯାହାକୁ ପ୍ରୟୋଗ କରି ଜଣେ ଅଚିରେ ନିଜର ବିଜୟ ହାସଲ କରିପାରିବ। ଏକଥା ପ୍ରମାଣିତ ହୋଇଛି ଅନେକ କ୍ଷେତ୍ରରେ। ବହୁ ଶାସ୍ତ୍ରରେ ମଧ୍ୟ ଏହାର ଦୃଷ୍ଟାନ୍ତ ଦିଆଯାଇଛି। କୌରବଙ୍କ ଦ୍ୱାରା ପ୍ରପୀଡ଼ିତ ପାଣ୍ଡବମାନଙ୍କୁ ଭଗବାନ ଶ୍ରୀକୃଷ୍ଣ କେବଳ ଗୋଟିଏ କଥା କହୁଥିଲେ ‘ସହିଯାଅ ଏବଂ ଧୈର୍ଯ୍ୟର ସହ ସମୟକୁ ଅପେକ୍ଷା କର’। ସହନଶୀଳତାର ଏକ ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ଦେବୀ ଜାନକୀ। ସାରା ଜୀବନ ଦୁଃଖ କଷ୍ଟ ସହି ମଧ୍ୟ ସେ ନିଷ୍କମ୍ପ ଦୀପଶିଖାର ନିଷ୍ଠା ନେଇ ସ୍ୱାମୀ ରାମଚନ୍ଦ୍ରଙ୍କ ବାଟକୁ ଅନେଇ ବସିଥିଲେ। ଆଜି ଆମ ନିକଟରେ ସହନଶୀଳତାର ଯେଉଁ ଉଦାହରଣଟିଏ ଉଭା ହୋଇରହିଛି ତାହା ହେଉଛି ଆମର ମାଟି ମା’। ହେଲେ ସାମ୍ପ୍ରତିକ ମଣିଷ ନିକଟରୁ ଉଭେଇ ଯାଉଛି ଏହି ଗୁଣ, ଯେଉଁଥିପାଇଁ ସମାଜ ଆଜି ବ୍ୟଭିଚାର, ଦୁର୍ନୀତି ଦ୍ୱାରା ଅତିକ୍ରମ କରିଯିବାକୁ ବସିଛି। ସୁଖ ପଛରେ ବାଇଆ ସାଜି ଧାଉଁଥିବା ମଣିଷ କେବଳ ଦୁଃଖକୁ ଆମନ୍ତ୍ରଣ କରୁଛି ସିନା ସୁଖର ସୋର୍ ଶବ୍ଦ ମଧ୍ୟ ପାଉନାହିଁ। ସହନଶୀଳତାର ପ୍ରଥମ ସୋପାନ ହେଉଛି ଅପେକ୍ଷା। ଯାହା ନିକଟରେ ଅପେକ୍ଷା କରିବାର ମାନସିକତା ନାହିଁ ସେ ନା କାହାରିକୁ ବରଦାସ୍ତ କରିପାରିବ ନା କାହାକୁ ସହ୍ୟ କରିପାରିବ। ବାସ୍ତବରେ ଆଜି ଅପେକ୍ଷା କରିବାକୁ କାହା ନିକଟରେ ବେଳ ନାହିଁ। ଅଳ୍ପ ସାଧନାରେ ସଫଳତା ଆଜିର ମଣିଷ ପାଇଁ ଧ୍ୟେୟ ପାଲଟିଛି। ଏହି ସଫଳତା ପାଇଁ ଆବଶ୍ୟକ ପଡ଼ିଲେ ତୋଷାମଦୀ କରିବାକୁ କିମ୍ବା ମୁଣ୍ଡ ନୁଆଁଇବାକୁ ପଛାଉନାହିଁ ମଣିଷ। କିନ୍ତୁ ସହନଶୀଳତାକୁ ବୀଜମନ୍ତ୍ର କରିଥିବା ମଣିଷ ନା କାହା ନିକଟରେ ମୁଣ୍ଡ ନୁଆଁନ୍ତି ନା ସାମାନ୍ୟ କଥାରେ ବିଚଳିତ ହୋଇ ନିଜର କ୍ଷତି ଘଟାଇବସନ୍ତି। ଆଜିର ମଣିଷ ଧୈର୍ଯ୍ୟ ଏବଂ ସହନଶୀଳତାଠାରୁ କାହିଁକି ଦୂରେଇ ଯାଉଛି ବୋଲି ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ଆମକୁ ଗୋଟିଏ ଦଶନ୍ଧିର ସାମାଜିକ ସ୍ଥିତି ଉପରେ ଆଲୋକପାତ କରିବାକୁ ପଡ଼ିବ। ଏଇ ଗୋଟିଏ ଦଶନ୍ଧି ମଧ୍ୟରେ ସମାଜରେ ଅନେକ ବଡ଼ ଧରଣର ପରିବର୍ତ୍ତନ ଘଟିଛି। ଗ୍ରାମୀଣ ପରିବେଶ ପ୍ରାୟତଃ ନଷ୍ଟ ହୋଇଯାଇଛି। ଗ୍ରାମ୍ୟ ପରିବେଶରେ ରହୁଥିବା ଲୋକଟିଏ ଭାଇବନ୍ଧୁ, ପାଖପଡୋଶୀ ଆଦିଙ୍କୁ ନେଇ ରହୁଥିଲା। ପରସ୍ପର ପରସ୍ପର ସହିତ ସଂଯୁକ୍ତ ହୋଇ ହିଁ ରହୁଥିଲେ। ପ୍ରତିଯୋଗିତାର ପ୍ରଶ୍ନ ଉଠୁ ନଥିଲା। ଅର୍ଥାତ୍ କିଏ କାହାକୁ ଟପିଗଲା ଏହାର ହିସାବ କେହି କେବେ କରୁ ନଥିଲେ। କିନ୍ତୁ ବର୍ତ୍ତମାନର କଥା ସମ୍ପୂର୍ଣ୍ଣ ନିଆରା। ଗ୍ରାମ୍ୟ ପରିବେଶ ନାହିଁ କି ଭାଇ, ବନ୍ଧୁ, କୁଟୁମ୍ବ ବଳୟ ଆଉ ଆଗ ପରି ଦୃଢ଼ ହୋଇନାହିଁ। ତେଣୁ କାହାରି ପ୍ରତି କାହା ଭିତରେ ଦରଦ ରହୁନାହିଁ। ସମସ୍ତେ ଦେଖୁଛନ୍ତି ଅମୁକ ଲୋକ ଆଗକୁ ମାଡ଼ିଗଲା। ମୋତେ ବି ସେତିକିବାଟ ଯିବାକୁ ହେବ। ଏଇ ମାନସିକତା ଯେତେବେଳେ ଜନ୍ମନିଏ ସେତେବେଳେ ଧୈର୍ଯ୍ୟ ଅଥବା ସହନଶୀଳତା ଆସିବ କେଉଁଠୁ ? ବିଜ୍ଞାନ ଏବଂ ବୈଷୟିକ ବିଦ୍ୟାର ବିକାଶ ଫଳରେ ଆଜିର ମଣିଷ ଏକ ଅତିରିକ୍ତ ସୁବିଧାଜନକ ଜୀବନ ବିତାଉଛି। ଖୁବ୍ ସହଜରେ ସବୁକିଛି ହୋଇଯାଉଛି। କାହାଠୁ ଖବରଟିଏ ପାଇବା ପାଇଁ ଆଗରୁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଥିଲା। କିନ୍ତୁ ଏବେ ମୋବାଇଲ୍‌ର ଯୁଗ। ନିମିଷକରେ ଅତି ଦୂରରେ ରହୁଥିବା ଲୋକଙ୍କୁ ସମ୍ପର୍କ କରିହେଉଛି। ସ୍ତ୍ରୀଲୋକମାନେ ନିଜ ହାତରେ ରୋଷେଇ କାମ କରୁଥିଲେ। କିନ୍ତୁ କିଛି ବି ହାତରେ କରିବାକୁ ପଡୁନାହିଁ। ପିଆଜ କାଟିବାଠାରୁ ମସଲା ବାଟିବା ପର୍ଯ୍ୟନ୍ତ ସବୁକାମ ମେସିନ୍ କରୁଛି ନ ହେଲେ ବଜାରରେ ଉପଲବ୍ଧ ହେଉଛି। ଏହି କର୍ମହୀନତାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡୁଛି ମନ ଭିତରେ। ଅଳ୍ପ ସମୟରେ ହୋଇଯାଉଥିବା ଜିନିଷ ଯଦି କୌଣସି କାରଣରୁ ସାମାନ୍ୟ ବିଳମ୍ବ ହେଉଛି ତା’ହେଲେ ଆମର ମନ ସେତକକୁ ବି ବରଦାସ୍ତ କରିପାରୁନାହିଁ। ଏଭଳି ନକାରାତ୍ମକ ପ୍ରଭାବରୁ ସୃଷ୍ଟି ହେଉଛି ଚିଡ଼ିଚିଡ଼ାପଣ, ଲୋପ ପାଉଛି ଧୈର୍ଯ୍ୟ ଏବଂ ମଣିଷ ହରାଉଛି ସହନଶୀଳତା। ଏକଥା ଠିକ୍ ଯେ, ଆଜିର ମଣିଷ ଖୁବ୍ ସୁବିଧାଜନକ ଜୀବନ ଅତିବାହିତ କରୁଛି। କିନ୍ତୁ ଏକଥାକୁ ଠିକ୍ ନୁହେଁ ବୋଲି କହିହେବ ନାହିଁ ଯେ, ଗୋଟିଏ ଦଶନ୍ଧି ତଳର ଜୀବନ ତୁଳନାରେ ଆଜିର ଜୀବନ ସମସ୍ୟାବହୁଳ ତଥା ସଂଘର୍ଷମୟ ହୋଇ ଉଠିଛି, ଯେଉଁଥିପାଇଁ ମଣିଷର ଖୁବ୍‌ଶୀଘ୍ର ଧୈର୍ଯ୍ୟଚ୍ୟୁତି ଘଟୁଛି। ବାସ୍ତବିକତାକୁ ଅନୁଶୀଳନ କଲେ ଜଣାଯାଏ ଯେ, ଆଜିର ମଣିଷ ଜୀବନ ସମସ୍ୟା ଜର୍ଜରିତ। କେଉଁଠି ପିଲାମାନେ ଅନୁଶାସନହୀନ ତ କେଉଁଠି ସ୍ୱାମୀ ବେପରବାୟ। ପୁଣି କେଉଁଠି ସ୍ତ୍ରୀ ଆଚରଣ ବ୍ୟଥିତ କଲାଣି ତ’ କେତେବେଳେ ପଡ଼ୋଶୀମାନଙ୍କ ଅନଧିକାର ଚର୍ଚ୍ଚାକୁ ନେଇ ଜୀବନ ବ୍ୟତିବ୍ୟସ୍ତ ହେଲାଣି। ଖୋଜି ବସିଲେ ଦୋକାନଠୁ କାର୍ଯ୍ୟାଳୟ ସବୁଠି ସମସ୍ୟା ଆଉ ସମସ୍ୟା। ପ୍ରତିମୁହୂର୍ତ୍ତରେ ମଣିଷକୁ ସଂଘର୍ଷ କରିବାକୁ ପଡୁଛି। ଆଉ ଏହା ହେଉଛି ଏକ ମୁଖ୍ୟକାରଣ ଯେଉଁଥିପାଇଁ ମଣିଷ ଅତିଶୀଘ୍ର ଏବଂ ସହଜରେ ଧୈର୍ଯ୍ୟ ହରାଉଛି। ଏବେ ସମସ୍ତଙ୍କ ଭିତରେ ଆର୍ଥିକ ମହତ୍ତ୍ୱାକାଂକ୍ଷା ଏକ ଭୀଷଣ ରୂପ ଧାରଣ କରିଛି। ଅଧିକ ଅର୍ଥ ଉପାର୍ଜନ କରି ଅନ୍ୟମାନଙ୍କୁ ଟପିଯିବା ଲାଗି ବ୍ୟାକୁଳ ଅଧିକାଂଶ। ସେଥିପାଇଁ ବିକଳ୍ପ ଖୋଜିବାରେ ସଭିଏଁ ବ୍ୟସ୍ତ। ପ୍ରଥମ କିସମର କର୍ମଚାରୀମାନଙ୍କୁ ଆର୍ଥିକ ମହତ୍ତ୍ୱାକାଂକ୍ଷା ପର୍ଯ୍ୟାୟଭୁକ୍ତ କରାଯାଇପାରେ। ଆର୍ଥିକ ମହତ୍ତ୍ୱାକାଂକ୍ଷା ସେମାନଙ୍କଠାରୁ ଧୈର୍ଯ୍ୟକୁ ଛଡ଼ାଇ ନେଇଥାଏ। ଶେଷରେ, ଜଣେ ନୁହେଁ ଅଧେ ନୁହେଁ ଆଜିର ସମାଜରେ ଅଧିକାଂଶ ଲୋକ ଏଭଳି ଏକ ମାନସିକତାର ଶିକାର। ଦୌଡ଼ ହିଁ ସେମାନଙ୍କ ଜୀବନର ଏକ ବିଶେଷ ଅଙ୍ଗ। କିନ୍ତୁ ସମସ୍ତେ ଯେ ସଫଳ ହେବେ ସେକଥା କିଏ କହିପାରିବ। ଜୀବନରେ ସୁଖର ଆବଶ୍ୟକତା ରହିଛି, କିନ୍ତୁ ସୁଖ ହାସଲ ପାଇଁ ନିଜ ଭିତରର ଐଶ୍ୱରୀୟ ଗୁଣକୁ ବଳିଦେବା କେତେ ବୁଦ୍ଧିମାନତା! ନିଜ ପାଇଁ ଏକ ନିର୍ଦ୍ଦିଷ୍ଟ ବଳୟ ନିରୂପଣ କରି ତା’ଭିତରେ ନିଜକୁ ସନ୍ତୁଷ୍ଟ ରଖିଲେ ନା ମଣିଷକୁ ସୁଖ ପଛରେ ଧାଇଁ ଅଣନିଃଶ୍ୱାସୀ ହେବାକୁ ପଡ଼ିବ ନା ସୁଖ ନାମରେ କେବଳ ସମସ୍ୟା ସହିତ ବନ୍ଧୁ ବାନ୍ଧିବାକୁ ପଡ଼ିବ। ତେବେ ଶ୍ରୀମଦ୍ ଭାଗବତ୍ ଯଥାର୍ଥରେ ଲେଖିଛି- ‘ନିତି ଦିନିଆ ଜୀବନ ଭିତରେ ପରୋପକାର ଦ୍ୱାରା ହିଁ ଯଥାର୍ଥ ମନୁଷ୍ୟ ଧର୍ମ ପ୍ରତିପାଦିତ ହୋଇଥାଏ।’ ଅଷ୍ଟାଦଶ ପୁରାଣର ମହାବାକ୍ୟ- ***‘ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନ ଦ୍ୱୟମ୍-ପରୋପକାରାୟ ସ୍ୱର୍ଗାୟ ପାପାୟ ପରପୀଡ଼ନମ୍।’*** ଆସନ୍ତୁ ପ୍ରତିଦିନ ନିଜ କର୍ମମୟ ଜୀବନ ଭିତରେ ପରୋପକାର ଭିତରେ ଦିବ୍ୟ ଜୀବନରେ ନିଜକୁ ଅତିବାହିତ କରିବା।

**ଅନ୍ତର୍ଯ୍ୟାମୀ ପଟ୍ଟନାୟକ**
*ଟ୍ରଷ୍ଟ କନ୍‌ଭେନର, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୭୦୨୨୦୬୧*

# ସଦ୍‌ଗୁରୁ ସ୍ୱାମୀ ଚିଦାନନ୍ଦ

----------ହେମନ୍ତ କୁମାର ପରିଡ଼ା----------



ସନାତନ ସଂସ୍କୃତିର ସାଧୁସନ୍ଥମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ଅଭିହିତ କରାଯାଇଛି। ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମାମଣ୍ଡିତ ହୋଇଛି। ଯୁଗେ ଯୁଗେ ସେହିମାନଙ୍କର ତପଶକ୍ତି ଧରଣୀକୁ ଧାରଣ କରିବା ସହିତ ସତ୍‌ମାର୍ଗ ପ୍ରଦର୍ଶନ କରିଆସିଛି। ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ସେହିଭଳି ଜଣେ ମହାନ ତପସ୍ୱୀ। ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସାରା ବିଶ୍ୱକୁ ପ୍ରକାଶିତ କରିଛନ୍ତି। ଦକ୍ଷିଣ ଭାରତର ମାଙ୍ଗାଲୋରଠାରେ ୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିଖ ଦିନ ଏହି ଦିବ୍ୟ ଶିଶୁ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଆବିର୍ଭୁତ ହୋଇଥିଲେ। କୁଳିନ ବ୍ରାହ୍ମଣ ବଂଶ, ଏକ ପ୍ରଖ୍ୟାତ ଜମିଦାର ପରିବାର। ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ। ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ବ୍ୟକ୍ତି। ଲୋକେ ତାଙ୍କୁ ମୁକୁଟ ବିହୀନ ସମ୍ରାଟ ଭାବେ ଜ୍ଞାନ କରୁଥିଲେ। ଶ୍ରଦ୍ଧାରେ ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର। ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ। ଶିଶୁ ଶ୍ରୀଧର ବହୁବାର ତାଙ୍କ କୋଳରେ ବସିବାର ସୌଭାଗ୍ୟ ଲାଭ କରିଥିଲେ। ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲେ। ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ପବିତ୍ର। ଉଭୟ ପରିବାରର ଆଧ୍ୟାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ମାଡ୍ରାସର ପ୍ରସିଦ୍ଧ ଲୟେଲା କଲେଜରୁ କୃତିତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ସଂସାରର ସମସ୍ତ ସୌଖ୍ୟ ତାକୁ ବାନ୍ଧିପାରିଲା ନାହିଁ। ସବୁ ଆକର୍ଷଣ ତ୍ୟାଗ କରି ସେ ପରମ ସିଦ୍ଧି ସନ୍ଧାନରେ ତପ ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ। ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠାତା ମହାଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣକମଳରେ ନିଜକୁ ସମର୍ପି ଦେଇଥିଲେ। ୧୯୪୯ ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀଙ୍କଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ନାମରେ ପରିଚିତ ହେଲେ। ଏହି ନାମରେ ସେ ବିଶ୍ୱବିଦିତ ସନ୍ନ୍ୟାସୀ ଭାବେ ପରିଚିତ ହୋଇଥିଲେ। ଗଭୀର ଆଧ୍ୟାତ୍ମିକ ସାଧନା ସହିତ ସେବା, ପ୍ରେମ ଓ ବିନୟ ଭାବକୁ ଜୀବନର ଭୂଷଣ ଭାବେ ଗ୍ରହଣ କରିନେଇଥିଲେ। ନିଜେ ବ୍ରହ୍ମାନନ୍ଦରେ ବିଭୋର ହୋଇ ସର୍ବଦା ବ୍ରାହ୍ମିସ୍ଥିତିରେ ସ୍ଥିର ରହୁଥିଲେ ଏବଂ ସାରା ସଂସାରକୁ ବ୍ରହ୍ମଙ୍କ ସ୍ୱରୂପରେ ଦର୍ଶନ କରୁଥିଲେ। ତାଙ୍କ ଆଚରଣ ଓ ଉଚ୍ଚାରଣରେ ଏହି ଭାବ ସ୍ପଷ୍ଟ ଫୁଟି ଉଠୁଥିଲା। ଅତି ଛୋଟ ବେଳୁ ତାଙ୍କଠାରେ ସେବା ପ୍ରେମର ପ୍ରାବଲ୍ୟ ପରିଲକ୍ଷିତ ହୋଇଥିଲା। ଘରର ଚାରିପଟେ କୋଷ୍ଠରୋଗୀମାନଙ୍କୁ ରଖି ଅତି ଯତ୍ନର ସହିତ ସେମାନଙ୍କର ସେବାପୂଜା କରୁଥିଲେ। ଏହି ଭାବରେ ଜୀବନସାରା ବ୍ରତୀ ହୋଇ ରହିଥିଲେ। ତାଙ୍କ ମା’ ଥିଲେ ଜଣେ ମହୀୟସୀ ମହିଳା। ତାଙ୍କ ପ୍ରଭାବ ତାଙ୍କ ଉପରେ ଗଭୀର ଭାବେ ପଡ଼ିଥିଲା। ମଣିଷ ତ’ ମଣିଷ ଏପରିକି ପଶୁପକ୍ଷୀ, କୀଟପତଙ୍ଗମାନେ ମଧ୍ୟ ତାଙ୍କ କୃପାକଟାକ୍ଷରୁ ବାଦ ପଡୁନଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ଗୋଟିଏ ବୁଲା କୁକୁରର ଗଳିତ କ୍ଷତ ଦେଖି ସେ ସେହି ରାସ୍ତାକଡ଼ରେ ସେବା କରିବାକୁ ଲାଗିଗଲେ। କ୍ଷତରୁ ବାହାରୁଥିବା ପୋକସବୁକୁ ସଫା କରୁକରୁ ସେ ସେହିଠାରେ ଶୋଇ ଯାଇଥିଲେ। ଏହା ଦେଖି ଗୁରୁଦେବ ଶିବାନନ୍ଦ କହିଥିଲେ ସ୍ୱାମୀ ଚିଦାନନ୍ଦ ଜଣେ ସାଧାରଣ ମଣିଷ ନୁହଁନ୍ତି। ସେ ସେବାର ଘନ ବିଗ୍ରହ। ଆଉ ଥରେ କହିଥିଲେ ସ୍ୱାମୀ ଚିଦାନନ୍ଦ ମୋର ଗୁରୁ ହେବା କଥା। କେଉଁ ପ୍ରାରବ୍ଧ ବଳରୁ ଏବେ ମୁଁ ତାଙ୍କର ଗୁରୁ ହୋଇଛି। ସେ ଜଣେ ମହାନସିଦ୍ଧ। ଏହା ତାଙ୍କର ଶେଷଜନ୍ମ। ସେବାର ସୁଯୋଗ ମିଳିଲେ ସେ ତଲ୍ଲୀନ ହୋଇଯାଉଥିଲେ। ସବୁ କାର୍ଯ୍ୟକୁ ପଛକରି ସେ ନାରାୟଣ ଜ୍ଞାନରେ ସେବାରତ ରହୁଥିଲେ। ଜୀବସେବାକୁ ଶିବସେବା ମଣୁଥିଲେ। ୧୯୪୮ ମସିହାରେ ଶିବାନନ୍ଦ ତାଙ୍କ ଆଶ୍ରମରେ ଆରମ୍ଭ କରିଥିଲେ ଯୋଗ ବେଦାନ୍ତ ଆରଣ୍ୟ ବିଶ୍ୱବିଦ୍ୟାଳୟ। ସ୍ୱାମୀ ଚିଦାନନ୍ଦ ହୋଇଥିଲେ ତା’ର କୁଳପତି ଓ ରାଜଯୋଗ ପ୍ରାଚାର୍ଯ୍ୟ। ଗୁରୁଙ୍କ ଆଦେଶ ରୂପକ ଆଶୀର୍ବାଦ ଧାରଣ କରି ସେ ବିଶ୍ୱଭ୍ରମଣ କରିଥିଲେ। ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଯୋଗବେଦାନ୍ତର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତମାନଙ୍କର ହୃଦୟ ଜିଣି ନେଇଥିଲେ। ପାଶ୍ଚାତ୍ୟ ଭକ୍ତମାନେ ତାକୁ ଭାରତର ସେଣ୍ଟ ଫ୍ରାନସିସ ଓ ଶାନ୍ତିଦୂତ ଭାବେ ଅଭିହିତ କରୁଥିଲେ। ମର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲା। ନମ୍ରତା ତାଙ୍କର ଭୂଷଣ ଥିଲା। ଭାରତବର୍ଷର ବଡ଼ ବଡ଼ ମହାତ୍ମାମାନେ ତାଙ୍କୁ ପ୍ରେମର ଅବତାର, ଭଗବାନ ଶ୍ରୀରାମଙ୍କ ଅବତାର ବୋଲି ମଧ୍ୟ କହିବାକୁ ଭୁଲୁନଥିଲେ। ସ୍ୱାମୀ ଚିଦାନନ୍ଦଜୀ ସାରା ବିଶ୍ୱରେ ଗୀତାର ଜଣେ ପ୍ରଚଣ୍ଡ ପ୍ରବକ୍ତା। ଏକଦା ଏକ ବିଶ୍ୱବିଦ୍ୟାଳୟରେ ସ୍ଥିତପ୍ରଜ୍ଞ ଲକ୍ଷଣ ଉପରେ ଗୀତାର ଦ୍ୱିତୀୟ ଅଧ୍ୟାୟ ବୁଝାଉଥିଲେ। ଜଣେ ପ୍ରଫେସର ପ୍ରଶ୍ନକଲେ ସ୍ୱାମୀଜୀ ଆପଣ ସ୍ଥିତପ୍ରଜ୍ଞର ଯେଉଁସବୁ ଲକ୍ଷଣ ବର୍ଣ୍ଣନା କରୁଛନ୍ତି, ଏପରି ବ୍ୟକ୍ତି କ’ଣ ପୃଥିବୀରେ ସମ୍ଭବ। ସ୍ୱାମୀଜୀ ତତ୍‌କ୍ଷଣାତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ନାମ ଉଲ୍ଲେଖ କରିଥିଲେ। ଦିବ୍ୟ ଜୀବନ ସଂଘର ସଭାପତି ସ୍ୱାମୀ ଚିଦାନନ୍ଦଜୀ ମହାରାଜ ଜଣେ ସ୍ଥିତପ୍ରଜ୍ଞ ଯୋଗୀ ଭାବରେ ନରଦେହରେ ନାରାୟଣ ଭଳି ଋଷିକେଶ ସ୍ଥିତ ଶିବାନନ୍ଦ ଆଶ୍ରମରେ ନିବାସ କରୁଛନ୍ତି। ସତରେ ସ୍ୱାମୀ ଚିଦାନନ୍ଦଜୀଙ୍କ ଭଳି ପରଦୁଃଖକାତର ମହାତ୍ମା ସଂସାରରେ ବିରଳ। ସେ ଥିଲେ ଜଣେ ସୁଲେଖକ, ସୁବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ। ସମାଜର ସମସ୍ତ ସମସ୍ୟା ସମାଧାନ କରି ଏକ ସୁସ୍ଥ ସମାଜ ଗଠନରେ ସେ ନିତ୍ୟ ବ୍ରତୀ ଥିଲେ। ତାଙ୍କ ନାମ ଶୁଣି ଲୋକମାନେ ଦର୍ଶନ ପାଇଁ ଜମା ହୋଇଯାଉଥିଲେ। ମଧୁର ସମ୍ଭାଷଣ ଅନେକ ମୁମୂର୍ଷୁଙ୍କ ହୃଦୟରେ ଆତ୍ମଜ୍ଞାନର ବୀଜ ବପନ କରୁଥିଲା। ସ୍ୱାମୀଜୀ ଥିଲେ ପ୍ରଖର ପ୍ରଜ୍ଞା ଓ ସଜଳ ଶ୍ରଦ୍ଧାର ମିଳିତ ତନୁ। ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ। ୧୯୬୩ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ମହାସମାଧି ପ୍ରାପ୍ତ ହେଲେ। ସେବେଠାରୁ ବିଶ୍ୱ ଦିବ୍ୟ ଜୀବନ ସଂଘର ଗୁରୁ ଦାୟିତ୍ୱ ନିର୍ବାହ ଭାର ତାଙ୍କ ଉପରେ ରହିଲା। ୨୦୦୮ ଅଗଷ୍ଟ ୨୮ ତାରିଖ ମହାସମାଧି ଯାଏ ସେ ସଭାପତି ଭାବେ ଏହି ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ସ୍ୱାମୀଜୀଙ୍କର ପଞ୍ଚଭୂତ ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା। ହେଲେ ଗୁରୁ ଚିଦାନନ୍ଦ କୋଟିପ୍ରାଣରେ ପ୍ରେରଣା ଓ ମାର୍ଗଦର୍ଶନର ଉତ୍ସ ହୋଇ ଅମର ହୋଇଗଲେ। ମହାନ ସଦଗୁରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କୁ ସଭକ୍ତି ପ୍ରଣାମ!

*-ମାଳତୀକୁଞ୍ଜ, ଫ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬*




## ଧାନ ଫସଲର କୀଟ ପରିଚାଳନା

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...



**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ୱା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ୱାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୁତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ। ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା ଇମିଡ଼ାକ୍ଲୋପିଡ଼୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ,
ବାସୁଦେବପୁର,ଭଦ୍ରକ,
ମୋ:୯୪୩୮୪୬୭୦୭୯)

## ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ



ଭୁବନାନନ୍ଦ ଅଧିକାରୀ
*କୀଟ ଟିଏ କଥା ଟିଏ - ୪*

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ। ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ। ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ। ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ। ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ। ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ। ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ୱନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ। ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍କୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ। ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ। କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ। ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାଗିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

## କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

**ଦୀପାୟନ ପାତ୍ରୀ**

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ। ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ। ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା। ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ। ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ। ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି। ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନୟିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ। ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ। ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଧୁଲ ଫାଳିଆ ପୋକ। ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି। କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ୱାଳିଆ ଏବଂ ପଛଭଗତି ତିନିକୋଣିଆ। ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ। ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି।

ଏହାର ସୂକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି। ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି। ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ। ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି। କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି। କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ୱା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି। ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ। ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ। ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ। ସାଧାରଣତ ମାଛି ଶୁକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି। ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ।

**କ୍ରାଇସୋପର୍ଲା :**

ଏହାକୁ ଜଉପୋକର ଖାଦକ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ। ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି। ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ। ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି। ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ। ଏହା ସବୁ ପ୍ରକାର ଫସଲରେ ଦେଖାଯାଏ। ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ। ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ। ଏହାର ମାଈ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ। ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି। ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ।

**ରେଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ। ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି। ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ। ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ। ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ। ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଈ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି। ଏହିପୋକ ଗୁଡ଼ିକ ନିଜ ଲମ୍ୱା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି। ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର। ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି। ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ। ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ। ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି। ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ। ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ। ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ। ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ। ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଆ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ। ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ। ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ। ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ। ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି। ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଆ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧ୍ୟାପକ, କୀଟତତ୍ତ୍ୱ ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




# ଓଡ଼ିଶାର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଅବସ୍ଥା ବିପର୍ଯ୍ୟସ୍ତ

ଭୁବନେଶ୍ୱର (ପିଏନ୍): ଓଡ଼ିଶାରେ ଲେପ୍ରା ସୋସାଇଟିରେ ଦୀର୍ଘ ବର୍ଷ ଧରି ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମରେ ନିଯୁକ୍ତି ପାଇଥିବା କୁଷ୍ଠକର୍ମୀମାନଙ୍କୁ ଓ ସୁପରଭାଇଜରମାନଙ୍କୁ ସ୍ୱାସ୍ଥ୍ୟବିଭାଗ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ୧୬ ଜଣ ଫିମେଲ ଏବଂ ୧୦୨ ଜଣ ମେଲ୍ ୱାର୍କରଙ୍କୁ ରାଜ୍ୟର ଅଠରଟି ଜିଲ୍ଲାରେ ଖାଲି ପଡ଼ିଥିବା ନିୟମିତ ସ୍ୱାସ୍ଥ୍ୟକର୍ମୀ ପଦବୀରେ ୨୦୦୭-୨୦୦୯ ମସିହାରେ ସି.ଡି.ଏମ୍.ଓ.ମାନେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରିଥିଲେ ଓ ଉକ୍ତ କର୍ମଚାରୀମାନଙ୍କ ମଧ୍ୟରୁ ୨୦୧୪ ମସିହାରେ ୬ ବର୍ଷ ପୁରି ଚାକିରିରେ ନିୟମିତ ହେବା କଥା ମାତ୍ର ସରକାରଙ୍କ ଅବହେଳାରୁ ଉକ୍ତ କର୍ମଚାରୀମାନେ ହତାଶମୟ ଜୀବନ ଅତିବାହିତ କରୁଛନ୍ତି ଏବଂ ସେମାନଙ୍କୁ ଜାଣିଶୁଣି ନିୟମିତ କରାଯାଇନାହିଁ। ଏହି ସମୟ ମଧ୍ୟରେ କିଛି କର୍ମଚାରୀ ମାନସିକ ଆଘାତ ପାଇ ଅକାଳରେ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରେ କେଶବ ଚନ୍ଦ୍ର ସ୍ୱାଇଁ, ପି. ତ୍ରିନାଥ ରାଓ, ପ୍ରଦୀପ ପ୍ରଧାନ, ଭିକାରୀ ଚରଣ ସୁନା, ଦିଲ୍ଲୀପ କୁମାର ଗିରି, ସୁକାନ୍ତ ଶେଖର ପାଣିଗ୍ରାହୀ, ମୁରଲିଧର ବେହେରା, ଅଚ୍ୟୁତାନନ୍ଦ ମୁଦୁଲି ଏବଂ ସୁଶାନ୍ତ ସେନାପତି ଇତ୍ୟାଦି ୮ ଜଣ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ କର୍ମଚାରୀ ଅବସର ନେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ କନ୍ଧମାଳର ଶ୍ରୀ ରଞ୍ଜନ ମହାନ୍ତି ଓ ସୁନ୍ଦରଗଡ଼ର ଶ୍ରୀ ଅରବିନ୍ଦ ଭଞ୍ଜ ଏବଂ କାଲୁଲ୍ କୁମାର ବୋଷ ଇତ୍ୟାଦିଙ୍କୁ ନିୟମିତ ନିଯୁକ୍ତି ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଥିବା ଉକ୍ତ କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପୁରୁଷ ସ୍ୱାସ୍ଥ୍ୟକର୍ମୀ ତାଲିମ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏ.ଏନ୍.ଏମ୍. ତାଲିମ ଦେଇସାରିଛନ୍ତି। ରାଜ୍ୟ ସରକାର ୧୯୭୯ ମସିହାରେ ଡାନିସ୍ ଲେପ୍ରସି ସଂସ୍ଥାକୁ ହାତକୁ ନେଲାବେଳେ ୮୨ ଜଣ କୁଷ୍ଠକର୍ମୀଙ୍କୁ ନିୟମିତ ନିଯୁକ୍ତି ପ୍ରଦାନ କରିଥିଲେ ଏବଂ ୨୦୦୪ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅଧୀନରେ କାର୍ଯ୍ୟ କରିଥିବା ୭୫ ଜଣ କୁଷ୍ଠକର୍ମୀମାନଙ୍କୁ ସ୍ୱାସ୍ଥ୍ୟକର୍ମୀ ଭାବରେ ନିଯୁକ୍ତି ଦେଇଥିଲେ।

ପ୍ରକାଶଥାଉ କି ଏହି କର୍ମଚାରୀମାନେ କୁଷ୍ଠକର୍ମୀ ପଦବୀରେ ବହୁବର୍ଷ ପୂର୍ବେ କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ବରଗଡ଼, ବଲାଙ୍ଗୀର, ସୋନପୁର, ନୂଆପଡ଼ା, ମୟୂରଭଞ୍ଜ ଜିଲ୍ଲାରେ ଯେଉଁଠାରେ ରାଜ୍ୟ ସରକାରଙ୍କ ମାନବ ସମ୍ବଳ ଓ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ନ ଥିଲା ଏବଂ ଦୁର୍ଗମ ପାହାଡ଼ ପର୍ବତ ଘେରିରେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିବାଦ୍ୱାରା ୨୦୦୬-୨୦୦୭ ମସିହାରେ ଓଡ଼ିଶାକୁ କୁଷ୍ଠମୁକ୍ତ ରାଜ୍ୟ କରାଯାଇଥିଲା। ଏଥିପାଇଁ ରାଜ୍ୟପାଳ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତରଫରୁ ସବୁ କର୍ମଚାରୀଙ୍କୁ ବେଷ୍ଟ ଲେପ୍ରସି ୱାର୍କର ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ଏହି କର୍ମଚାରୀମାନେ ଦୀର୍ଘ ୧୪ ବର୍ଷ ଧରି ସ୍ୱାସ୍ଥ୍ୟକର୍ମୀ ପଦବୀରେ ସରକାରୀ ଟ୍ରେଜେରିରୁ ଦରମା, ଗ୍ରୁପ୍ ଇନ୍‌ସ୍ୟୁରାନ୍ସ, ପେନ୍‌ସନ୍ ସୁବିଧା ପାଉଛନ୍ତି। ସରକାରଙ୍କ ୬ ବର୍ଷିୟା ନିୟମ ଅନୁସାରେ ୨୦୧୪ ମସିହା ସୁଦ୍ଧା ସମସ୍ତଙ୍କୁ ଚାକିରିରେ ନିୟମିତ କରିବା କଥା, ମାତ୍ର ସ୍ୱାସ୍ଥ୍ୟ ବିଭାଗର କିଛି ଅଧିକାରୀମାନେ ଏକ ବୈଠକ ଡାକି ନିୟମିତ ନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଦେଶକୁ ବାଭାଗ ରଦ୍ଦ କରିଛି। ଉକ୍ତ କର୍ମଚାରୀମାନେ ୨୦୧୪ରୁ ୨୦୨୨ ମସିହା ମଧ୍ୟରେ ଶହଶହ ଥର ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟି ଆପତ୍ତି ଅଭିଯୋଗମାନ ଦେଇଥିଲେ ମଧ୍ୟ ତାହାକୁ ଅଣଦେଖା କରାଯାଇଅଛି। ସ୍ୱାସ୍ଥ୍ୟ ବିଭାଗ କହିବା କଥା ଯେହେତୁ ଆଡ଼ଭଟାଇଜ୍‌ମେଣ୍ଟ୍ ହେଇନାହିଁ, ତେଣୁ ରେଗୁଲାର ହୋଇପାରିବ ନାହିଁ। ୨୦୧୪ ମସିହାରୁ ୨୦୨୧ ମସିହା ମଧ୍ୟରେ ଉକ୍ତ କର୍ମଚାରୀଙ୍କ ରେଗୁଲାର ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସିଡିଏମ୍‌ଓମାନଙ୍କୁ ରିପୋର୍ଟ ମାଗିଥିଲେ। ଏକଥା ମଧ୍ୟ ରାଜ୍ୟ ବିଧାନସଭାରେ ଉଠିଥିଲା ମାତ୍ର ସମସ୍ତ ରିପୋର୍ଟକୁ ଚପାଇ ଦିଆଗଲା। ୨୦୧୯-୨୦୨୨ ମସିହାରେ ସ୍ୱାସ୍ଥ୍ୟ ବିଭାଗ ଏନ୍.ଏଚ୍.ଏମ୍., ସ୍କିମ୍ ସୋସାଇଟି ଏବଂ ମେଡ଼ିକାଲ୍ କର୍ପୋରେସନ୍‌ରେ ଚୁକ୍ତିଭିତ୍ତିକ ପଦବୀରେ ନିଯୁକ୍ତି ପାଇଥିବା ହଜାର ହଜାର ପାରାମେଡ଼ିକ୍ସ କର୍ମଚାରୀଙ୍କୁ ନିୟମିତ କରିଛନ୍ତି। ଏହି କର୍ମଚାରୀମାନେ ସ୍ୱାସ୍ଥ୍ୟବିଭାଗର ଅନୁମୋଦିତ ନିୟମିତ ଖାଲି ପଦବୀରେ ନିଯୁକ୍ତି ପାଇ ନଥିଲେ। କିନ୍ତୁ ମାତ୍ର ୧୦୪ ଜଣ କର୍ମଚାରୀଙ୍କୁ ବିଭିନ୍ନ ଆଳ ଦେଖାଇ କାହିଁକି ନିଯୁକ୍ତି ଦିଆଯାଉ ନାହିଁ ତାହା ବୁଝାପଡୁନାହିଁ। ଉକ୍ତ କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ ରାଜ୍ୟର ବିଭିନ୍ନ କୁଷ୍ଠ କଲୋନୀର ନିଜେ କୁଷ୍ଠମୁକ୍ତ ବ୍ୟକ୍ତି ଏବଂ ଏମାନଙ୍କର ପିତାମାତା ମଧ୍ୟ କୁଷ୍ଠ ଭିନ୍ନକ୍ଷମରେ ପୀଡ଼ିତ। ନିକଟରେ ଆଇ.ଜି. ପାର୍କଠାରେ ଏକ ବୈଠକର ଆୟୋଜନ କରାଯାଇଥିଲା ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କର୍ମଚାରୀମାନେ ଏକତ୍ରିତ ହୋଇ ସରକାରଙ୍କର ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଥିଲେ। ସମସ୍ତ କର୍ମଚାରୀ ସରକାରଙ୍କୁ ଏକମାସ ମଧ୍ୟରେ ନିୟମିତ କରିବା ପାଇଁ ପ୍ରେସ୍ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ସାମାଜିକ ସୁରକ୍ଷା ମନ୍ତ୍ରୀ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଓ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ବିଜେଡିର ସାଙ୍ଗଠନିକ ସମ୍ପାଦକ ଏବଂ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସଙ୍କୁ ଅବଗତ କରାଯାଇ ଏକ ସ୍ମାରକପତ୍ର ତା୦୬/୦୯/୨୦୨୧ରେ ପ୍ରଦାନ କରାଯାଇଛି। ଯଦି ଏକ ମାସ ମଧ୍ୟରେ ଏଭଳି ସମ୍ବେଦନଶୀଳ ଅଭିଯୋଗ ପରେ ସମାଧାନ କରା ନଯାଏ ତେବେ କର୍ମଚାରୀମାନଙ୍କର କୁଷ୍ଠପୀଡ଼ିତ ପିତାମାତାମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ୫-ଟି ସେକ୍ରେଟାରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ବାସଭବନରେ ଭେଟି ବିଭାଗର ଅବହେଳା ବିଷୟରେ ଅବଗତ କରାଇବା ସହିତ ଚାକିରିରେ ନିୟମିତ କରିବା ପାଇଁ ଅନୁରୋଧ କରିବେ। ଯଦି ୧ ମାସ ମଧ୍ୟରେ ଏହାର ସମାଧାନ କରା ନଯାଏ ତେବେ ସମସ୍ତ କର୍ମଚାରୀ ରାଜ୍ୟପାଳଙ୍କଠାରୁ ପାଇଥିବା ପୁରସ୍କାର ରାଜଭବନ ଏବଂ ସ୍ୱାସ୍ଥମନ୍ତ୍ରୀଙ୍କଠାରୁ ପାଇଥିବା ପୁରସ୍କାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଫେରାଇ ଦିଆଯିବ ଏବଂ ଶହଶହ କୁଷ୍ଠପୀଡ଼ିତ ଏବଂ କର୍ମଚାରୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଂଘ ସୂତ୍ରରୁ ପ୍ରକାଶ।

# ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ଥିଲେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ

ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ପ୍ରଥମ ଓଡ଼ିଆ ବାରିଷ୍ଟର ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ରଙ୍କ ୮୯ତମ ଶ୍ରାଦ୍ଧ ଦିବସ ସ୍ଥାନୀୟ ୟୁନିଟ୍-୮ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ, ବିଧାୟକ ପ୍ରଫୁଲ୍ଲ ସାମଲ, ସଂଯୋଜକ ଓ ପରିଚାଳକ ଭାବେ ବରିଷ୍ଠ ସାମ୍ବାଦିକ, ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରି କହିଥିଲେ ଯେ ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ର ଥିଲେ ଏକାଧାରରେ ମା, ମାଟି, ମାତୃଭାଷା ପାଇଁ ସମର୍ପିତ ତଥା ବିଶିଷ୍ଟ ଆଇନ ବିଶାରଦ। ଉତ୍କଳର ସ୍ୱାଧୀନତା ପାଇଁ ତାଙ୍କ ଭୂମିକା ସହିତ, କେନ୍ଦ୍ର ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ଭାବରେ ତାଙ୍କର ଭୂମିକା ଅବିସ୍ମରଣୀୟ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରିବାର ଉଦ୍ୟମ ବେଶ୍ ପ୍ରଶଂସନୀୟ ଥିଲା। ଆଜିର ଯୁବପିଢ଼ି ତାଙ୍କ ବିଷୟରେ ତଥା ମହାପୁରୁଷଙ୍କ ବିଷୟରେ ଜାଣିବା ଆବଶ୍ୟକ ବୋଲି ଅତିଥି ସମୂହ କହିଥିଲେ। ଏହି ଅବସରରେ ସାରସ୍ୱତ ପ୍ରତିଭାଦୀପ୍ତ ପ୍ରଫୁଲ୍ଲ ସାମଲଙ୍କୁ ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ର ସ୍ମୃତି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସଂସ୍କୃତି ଅନୁସଚିବ ଲକ୍ଷ୍ମୀଧର ବେହେରା, ସ୍ୱର୍ଗତ ମିଶ୍ରଙ୍କ ଅଣନାତି ଡ. ସୂର୍ଯ୍ୟ ମିଶ୍ର, ଅରବିନ୍ଦ ତ୍ରିପାଠୀ, ଚିତ୍ତରଞ୍ଜନ ଦାସ, ରମେଶ ଚନ୍ଦ୍ର ପାତାଳ ସିଂ, ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସଂଯୁକ୍ତା ପାଣିଗ୍ରାହୀ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ସୀତାଂଶୁ ଶେଖର ମହାରଣା, ବିଜୟୀ ପରିଡ଼ା, ମଦନ ମୋହନ ପାଢ଼ୀ, ସଞ୍ଜୟ ପରିଡ଼ା, ତନ୍ମୟ ସାମନ୍ତରାୟ, ନିରଞ୍ଜନ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ ସଂଯୋଜକ ବାପୁ ଓଝା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ବିଜୁଳି ଶୁଳ୍କ ହ୍ରାସ, ବିଜୁଳିକାଟ୍ ବନ୍ଦ ଓ କୃଷିକାର୍ଯ୍ୟରେ ୯୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଉ

ଭୁବନେଶ୍ୱର (ପିଏନ୍)- ଓଡ଼ିଶା ବିଦ୍ୟୁତ ଉତ୍ପାଦନରେ ଏକ ବଳକା ରାଜ୍ୟ। ତେଣୁ ବିଦ୍ୟୁତ ଶୁଳ୍କ ପଡ଼ୋଶୀ ରାଜ୍ୟଙ୍କଠାରୁ ଅଧିକ ରହିବା ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବ ଓ କୁ-ପରିଚାଳନା ଯୋଗୁଁ ବିଦ୍ୟୁତ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଲୋ-ଭୋଲଟେଜ୍ ଓ ବିଦ୍ୟୁତ କାଟ୍ ଅନ୍ୟ ଏକ ସମସ୍ୟା ସୃଷ୍ଟି କରୁଛି। ସରକାର ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଯେଉଁ ଦିନଠାରୁ ଘରୋଇ କମ୍ପାନୀ ହାତକୁ ଟେକିଦେଲେ ସେହି ଦିନଠାରୁ ରାଜ୍ୟରେ ବିଜୁଳି ସମସ୍ୟା ଉତ୍କଟ ରୂପ ଧାରଣ କରିଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଓଡ଼ିଶାରେ ବିଦ୍ୟୁତ ଶୁଳ୍କ ଘରୋଇ ଗ୍ରାହକଙ୍କଠାରୁ ୟୁନିଟ୍ ପିଛା ୫ ଟଙ୍କା ୨୨ ପଇସା ଆଦାୟ କରାଯାଉଛି। ଜାତୀୟ ହାର ହେଉଛି ୫ ଟଙ୍କା ୧୧ ପଇସା। ଦେଶର ୨୦ଟିରୁ ଅଧିକ ରାଜ୍ୟରେ ବିଦ୍ୟୁତ ଶୁଳ୍କ ଓଡ଼ିଶାଠାରୁ ଯଥେଷ୍ଟ କମ୍ ରହିଛି। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ଗୋଆ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ପଞ୍ଜାବ, ହରିଆଣା, ଅରୁଣାଞ୍ଚଳ ପ୍ରଦେଶ ପ୍ରଭୃତି ଅନ୍ତର୍ଭୁକ୍ତ। ତେବେ ଓଡ଼ିଶାର ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ଦର ୪ ଟଙ୍କା ୫୬ ପଇସା, ତେଲେଙ୍ଗାନାରେ ୪ ଟଙ୍କା ୭୯ ପଇସା, ଛତିଶଗଡ଼ରେ ୩ ଟଙ୍କା ୭୭ ପଇସା, ଝାଡ଼ଖଣ୍ଡରେ ୩ ଟଙ୍କା ୪ ପଇସା, ବିହାରରେ ୪ ଟଙ୍କା ୫୨ ପଇସା ଓ ମଧ୍ୟ ପ୍ରଦେଶରେ ୩ ଟଙ୍କା ୬୪ ପଇସା। ତେଣୁ ରାଜ୍ୟ ସରକାର ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଜୁଳି ଶୁଳ୍କ ହ୍ରାସ କରିବା ସହିତ ନିୟମିତ ବିଦ୍ୟୁତ ଯୋଗାଣ ଏବଂ ଚାଷ କାର୍ଯ୍ୟ ପାଇଁ କୃଷକମାନଙ୍କୁ ୯୦ ପ୍ରତିଶତ ରିହାତିରେ ବିଦ୍ୟୁତ ଯୋଗାଇଦିଅନ୍ତୁ ବୋଲି କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ପାଖରେ ଦୃଢ଼ ଦାବୀ କରିଛନ୍ତି।

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ

ଯାଜପୁର (ପିଏନ୍): ଦଶରଥପୁର ବ୍ଲକ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରୁହାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଯାଜପୁରର ଅଗ୍ରଣୀ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ଓ ଭୁବନେଶ୍ୱର ସ୍ଥିତ ଅହଲ୍ୟା ହସ୍‌ପିଟାଲ ମିଳିତ ଆନୁକୂଲ୍ୟରେ ଦାତବ୍ୟ ଚକ୍ଷୁ ପରୀକ୍ଷା ଶିବିର ଓ ମୋତିଆ ବିନ୍ଦୁ ଚିହ୍ନଟ କରଣ ଏବଂ ଦାତବ୍ୟରେ ଚଷମା ପରୀକ୍ଷା ଅନୁଷ୍ଠିତ ହୋଇଯାଇଅଛି। ୧୩ ଜଣ ମୋତିଆ ବିନ୍ଦୁ ଚିହ୍ନଟକରଣ ହୋଇ ଭୁବନେଶ୍ୱରର ଅହଲ୍ୟା ହସ୍‌ପିଟାଲକୁ ଅସ୍ତ୍ରୋପଚାର ନିମନ୍ତେ ପଠାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୱେଷଣର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ଅତିଥିରୂପେ ଦଶରଥପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତଥା ନନ୍ଦିପୁର ଗ୍ରାମ ସେବାସମବାୟ ସମିତିର ସଭାପତି ବିଷ୍ଣୁ ଚରଣ ମହାପାତ୍ର, ବିରୁହାଁ ଗ୍ରାମପଞ୍ଚାୟତର ସରପଞ୍ଚ ତଥା ଅନ୍ୱେଷଣ ଥିଏଟର ଗ୍ରୁପର ଉପସଭାପତି ସୁବାସ ଚନ୍ଦ୍ର ଦେବତା, ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲ୍ଲା ସଭାପତି ତଥା ଅନ୍ୱେଷଣର ଉପଦେଷ୍ଟା ହରିହର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲୋକମାନଙ୍କୁ ମାଗଣା ଚକ୍ଷୁ ପରୀକ୍ଷା କରିବା ସହିତ ଆବଶ୍ୟକ ଚଷମା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଉପସଭାପତି ଉପେନ୍ଦ୍ର କୁମାର ଜେନା, କୋର କମିଟିର ଅଧ୍ୟକ୍ଷ ଏସ୍‌କେ ସାଜିଦ୍ (ଛନ୍ଦ ବାବୁ), ସାମ୍ବାଦିକ ସନ୍ତୋଷ ମିଶ୍ର, ତାରାକାନ୍ତ ମଲ୍ଲିକ, ସମରଜିତ୍ ମହାନ୍ତି, ସୁରଜ କୁମାର ପଣ୍ଡା, ଗୋପାଳ ଚନ୍ଦ୍ର ବେହେରା, ଗୌତମ ବିକାଶ ମହାନ୍ତି, ଭରତ ଚନ୍ଦ୍ର ବେହେରା, ରଂଜନ କୁମାର ବେହେରା, ବିରଞ୍ଚିବାସୁଦେବ ନନ୍ଦ, ଅଚ୍ୟୁତାନନ୍ଦ ସ୍ୱାଇଁ, ଜ୍ୟୋତି ରଂଜନ ପୁହାଣ, ମାମାଲି ସାହୁ, ତପସ୍ୱିନୀ ମଲ୍ଲିକ, ବର୍ଷାପ୍ରିୟଦର୍ଶନୀ ଖୁଣ୍ଟିଆ, ସବିତା ରାଣି ମିଶ୍ର, ପ୍ରତ୍ୟୁଷ ମହାନ୍ତି, ସୁକାନ୍ତ ରାଉତ, ନିରଂଜନ ରାଉତ, ଆଦିକନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ବିରୁହାଁ ପଞ୍ଚାୟତ ବିଶିଷ୍ଟ ସମାଜସେବୀ ସୁଦାମ ଚରଣ ପଣ୍ଡା, ସମିତି ସଭ୍ୟ ଲକ୍ଷ୍ମୀଧର ସାମଲ, ରମେଶ ଚନ୍ଦ୍ର ମଲ୍ଲିକ (ଜଡା), ଦେବେନ୍ଦ୍ର କର, ଦେବେନ୍ଦ୍ର ଦାସ, ନାଏବ ସରପଞ୍ଚ ପ୍ରଦ୍ୟୁମ୍ନ ରାଉତ, ରାଜେନ୍ଦ୍ର ମଲ୍ଲିକ, ଅରବିନ୍ଦ ସୁନ୍ଦର ସାହୁ, ଅଭୟ କୁମାର ଧଳ, ନିରଂଜନ ରାଉତ, ଉମେଶ ମହାନ୍ତି, ଜଗବନ୍ଧୁ ଜେନା, ଜିତେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ପରିଚାଳନା କରିଥିଲେ ଏବଂ ଆଗାମୀ ଦିନରେ ସମାଜରେ ସେବା କାର୍ଯ୍ୟ ଜାରି ରହିବ ବୋଲି ସମ୍ପାଦକ ପ୍ରକାଶ କରିଥିଲେ।

# ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଂଗଠନିକ ନିର୍ବାଚନ ସମ୍ବନ୍ଧୀୟ ପ୍ରସ୍ତାବ



ଭୁବନେଶ୍ୱର (ପିଏନ୍)- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଂଗଠନିକ ନିର୍ବାଚନ ଅଧିକାରୀ (ପିଆରଓ) ତଥା ସାଂସଦ ଶ୍ରୀ ନିରୋଜ ଡାଙ୍ଗିଙ୍କ ଅଧ୍ୟକ୍ଷତାରେ ନବନିର୍ବାଚିତ ପିସିସି ପ୍ରତିନିଧିମାନଙ୍କର ଏକ ବୈଠକ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ସମସ୍ତ ନବ ନିର୍ବାଚିତ ପିସିସି ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ଶ୍ରୀ ଡାଙ୍ଗି ସମସ୍ତ ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାପାଇଁ ଆହ୍ୱାନ ଦେଇଥିଲେ। ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଶ୍ରୀ ଜୟଦେବ ଜେନା, ପିସିସି ସଭାପତି, ଉପସଭାପତି, କୋଷାଧ୍ୟକ୍ଷ ଓ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟନିର୍ବାହି ସଦସ୍ୟ, ଅଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ ପ୍ରଦେଶ କଂଗ୍ରେସ ନିର୍ବାଚନ କମିଟିର ସଦସ୍ୟମାନଙ୍କୁ ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ମନୋନୀତ କରିବାପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ, ଶ୍ରୀ ପ୍ରସାଦ ହରିଚନ୍ଦନ, ସୁଶ୍ରୀ ସୁଶିଳା ତିରିଆ, ଡା. ରାମଚନ୍ଦ୍ର ଖୁଂଟିଆ, ମାନ୍ୟବର ବିଧାୟକ ସରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି ଏବଂ ସନ୍ତୋଷ ସିଂ ସାଲୁଜା ପ୍ରସ୍ତାବକୁ ସମର୍ଥନ କରିଥିଲେ। ସମସ୍ତ ନବନିର୍ବାଚିତ ପିସିସି ପ୍ରତିନିଧିମାନେ ହାତଟେକି ପୂର୍ଣ୍ଣ ସର୍ବସମ୍ମତ ସମର୍ଥନ ଜଣାଇଥିଲେ। ଏହି ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହୀତ ହେଲା ବୋଲି ଶ୍ରୀ ଡାଙ୍ଗି ଘୋଷଣା କରିଥିଲେ। ଏହି ସଭାରେ ସାଂଗଠନିକ ଅତିରିକ୍ତ ନିର୍ବାଚନ ଅଧିକାରୀ ଅମିତାଭ ଚକ୍ରବର୍ତ୍ତି, ସଂନ୍ଦିପ ସିଂ, ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡା. ଏ ଚେଲ୍ଲା କୁମାର, ଓଡ଼ିଶା ସହ ପ୍ରଭାରୀ ତଥା ଏଆଇସିସି ସଂପାଦକ ଶ୍ରୀ ଜି ରୁଦ୍ର ରାଜୁ ଉପସ୍ଥିତ ଥିଲେ। ଶ୍ରୀମତୀ ସସ୍ମିତା ବେହେରା ସସସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଲିସ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଫୁଲନଖରା (ପିଏନ୍)-ସଦର ଥାନା ଓ ବୟାଳିଶମୌଜା ଥାନା ପକ୍ଷରୁ ଦୁର୍ଗା ପୂଜା ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପ୍ରତାପନଗରୀ ସ୍ଥିତ ଧାକୁଲେଇ ପୀଠରେ ଗତ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡିସିପି ପିନାକୀ ମିଶ୍ର, ଟ୍ରାଫିକ ଡିସିପି ଆଶୁତୋଷ ମିଶ୍ର, ଏସିପି ଚନ୍ଦନ ଘଡ଼େଇ, ସଦର ଆଇଆଇସି ରଶ୍ମିରଂଜନ ମହାପାତ୍ର, ବୟାଳିଶମୌଜା ଆଇଆଇସି ଗିରୀଶ ମହାରଣା, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପାର୍ବଣ ସମୟରେ ଡିଜେ ବ୍ୟବହାର ନକରିବା ଓ ସମ୍ପୂର୍ଣ୍ଣ ନିଶାମୁକ୍ତ ପର୍ବ ପାଳନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ରାତି ୧୦ଟା ପୂର୍ବରୁ ଭସାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ କରିବାକୁ ସମସ୍ତ ପୂଜା କମିଟିକୁ କୁହାଯାଇଥିଲା ଏବଂ ଏହାର ଉଲ୍ଲଙ୍ଘନ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର କୌଶିକ ଜେନା, ବିକ୍ରମ ଶତପଥି, ଲିଙ୍ଗରାଜ ମହାନ୍ତି, ରାଜେଶ କୁମାର ସ୍ୱାଇଁ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ସାମ୍ବାଦିକ ଲଳିତ କୁମାର ଦାଶ, ବିନୋଦ ବେହେରା, ପ୍ରକାଶ କୁମାର ନାୟକ, ରମେଶଚନ୍ଦ୍ର ପ୍ରଧାନ, ପ୍ରମୋଦ ଓଝା, ପ୍ରମୋଦ ବେହେରା, ନଳୀନ ସେନାପତି ପ୍ରମୁଖ ଉପସ୍ଥିତ ରହି ପୂଜାକୁ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରିବା ନେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ସଦର ଥାନା ଏବଂ ବୟାଳିଶମୌଜା ଥାନା ଅନ୍ତର୍ଗତ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଓ ମୁରବିମାନେ ଯୋଗଦେଇଥିଲେ।

# ବିଦ୍ୟାଳୟ ରୂପାନ୍ତରୀକରଣ ଶୁଭ ଉଦ୍ଘାଟନ ଉତ୍ସବ



ବାଲେଶ୍ୱର (ପିଏନ୍)-ରେମୁଣା ବ୍ଲକ ଗୁଡୁଦା ପଞ୍ଚାୟତ ଅଧୀନସ୍ଥ ପଞ୍ଚାୟତ ହାଇସ୍କୁଲ ଗୁଡୁଦା ପାଟନା ରୂପାନ୍ତରୀକରଣ (ଫାଇଭ ଟି) ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ାଙ୍କ କରକମଳରେ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରେମୁଣା ବ୍ଲକ ଉପାଧ୍ୟକ୍ଷା ଶ୍ରୀମତୀ ସୁମତି ବେହେରା, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଯୁକ୍ତ ଅଭିମନ୍ୟୁ ଧନ୍ଦା, ବିଧାୟକଙ୍କ ପ୍ରତିନିଧି ତଥା ପ୍ରାକ୍ତନ ରେମୁଣା ବ୍ଲକ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ମନୋରଞ୍ଜନ ରାଉତ, ଗୁଡୁଦା ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଜାନକୀ ଦାସ, ପଞ୍ଚାୟତ ସମିତି ସଦସ୍ୟା ଶ୍ରୀମତୀ ସୁଷମା ପ୍ରଧାନ, ପ୍ରାକ୍ତନ ସି.ଆର.ସି.ସି. ଶ୍ରୀଯୁକ୍ତ ପ୍ରଦୀପ କୁମାର ମିଶ୍ର, କାର୍ଯ୍ୟରତ ସି.ଆର.ସି.ସି ଶ୍ରୀଯୁକ୍ତ ରାଧାରଞ୍ଜନ ଦାସ, ଶ୍ରୀଯୁକ୍ତ ଦୀନବନ୍ଧୁ ଦାସଙ୍କ ସହିତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବିଦ୍ୟାଧର ମହାପାତ୍ର ପରଚାଳନା କମିଟି ସଭାପତି ଶ୍ରୀଯୁକ୍ତ ଶ୍ରୀକାନ୍ତ ପତି, ସଦସ୍ୟ ରତିକାନ୍ତ ପତି, ଶିକ୍ଷକ ଓ କର୍ମଚାରୀଙ୍କ ସହିତ ଗ୍ରାମବାସୀବୃନ୍ଦ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଜୁନିୟର ହକି ପ୍ରତିଯୋଗିତା: ଜଗତସିଂହପୁର ଜିଲ୍ଲା ଟିମ୍‌ରେ ପାରାଦୀପର ୧୬ ଖେଳାଳି

ପାରାଦୀପ (ପିଏନ୍)-ସେପ୍ଟେମ୍ବର ୧୮ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ହକି ଷ୍ଟାଡିୟମ୍, ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ଜୁନିୟର ହକି ପ୍ରତିଯୋଗିତା ପାଇଁ ଜଗତସିଂହପୁର ଜିଲ୍ଲାରୁ ପିପିଏଲ ଡିଏଭି ସ୍କୁଲ ମନୋନୀତ ହୋଇଛି। ଏହି ହକି ଦଳ ସମ୍ବିତ ସାମଲଙ୍କ ଅଧିନାୟକତ୍ୱରେ ଓ ଶାଶ୍ୱତ କୁମାର ଭାରତୀୟଙ୍କ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଛି। ଜିଲ୍ଲାର ଏହି ଦଳ ତା’ର ପ୍ରଥମ ମ୍ୟାଚ କଳାହାଣ୍ଡି ସହିତ ଖେଳିଥିଲା। ଜଗତସିଂହପୁର ଜିଲ୍ଲାର କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ନାୟକ ଓ ନାଭାଲ ଟାଟା ଏଚ. ପଶୀ, ତୃଣମୂଳ ସଂଯୋଜକ ଶେଖର ଚନ୍ଦ୍ର ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ହକି ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସେବା ପକ୍ଷକୁ ତ୍ୱରାନ୍ୱିତ କରିବା ପାଇଁ ସାଂଗଠନିକ ବୈଠକ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ଅପେକ୍ଷାରତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଆଗାମୀ ଦିନମାନଙ୍କରେ ହେବାକୁ ଥିବା କାର୍ଯ୍ୟକ୍ରମ ଯଥା: ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ସ୍ୱଚ୍ଛତା ଅଭିଯାନ, ବୁଦ୍ଧିଜିବୀ ସମ୍ମିଳନୀ, ପ୍ରଦର୍ଶନୀ ଇତ୍ୟାଦି ବିଷୟରେ ଅବଗତ କରାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଜିଲ୍ଲାରେ ଚାଲିଥିବା ସେବା ପକ୍ଷର ସମୀକ୍ଷା ଆଗାମୀ ଯୋଜନା ଓ ସାଂଗଠନିକ ସଂରଚନା ଉପରେ ଆଲୋଚନା ହୋଇଥିଲା। ସର୍ବଭାରତୀୟ ସଭାପତି ଜଗତ ପ୍ରସାଦ ନୋଡ୍ଡାଙ୍କ ଆଗାମୀ ଓଡ଼ିଶା ଗସ୍ତ ସମୟରେ ଜିଲ୍ଲାର ସାଂଗଠନିକ ପ୍ରଦର୍ଶନ ଓ ଯୋଜନା ଉପରେ ରୂପରେଖ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିଳଗିରି ବିଧାୟକ ଶୁକାନ୍ତ ନାୟକ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ସାଧାରଣ ସଂପାଦକ ପର୍ଶୁରାମ ପରିଡ଼ା, ଇଶ୍ୱର ବେହେରା ଓ ସୁନିଲ କର, ଜିଲ୍ଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ସତ୍ୟଜିତ ମିଶ୍ର, କରୁଣାକର ପଣ୍ଡା, ପ୍ରଦୀପ ପଣ୍ଡା, ଚିତରଞ୍ଜନ ପଣ୍ଡା, ରାଜେଶ ମହାପାତ୍ର, କମଳା ବିନ୍ଧାଣୀ, ରେଣୁ ବିଶ୍ୱାଳ, ସମସ୍ତ ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି ପ୍ରଭାରୀମାନେ ଉପସ୍ଥିତ ହୋଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ବଦଳିଲେ ବିଇଓ, ଖାଲି ପଡିଲା ଉଭୟ ରାଉରକେଲା ଓ ବିଶ୍ରା ଶିକ୍ଷାଧିକାରୀ ପଦବି

ରାଉରକେଲା, (ପି.ଏନ): ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିକଟରେ ବିଇଓ ମାନଙ୍କର ଏକ ବଦଳି ଆଦେଶନାମା ପ୍ରକାଶ ପାଇବା ପରେ ବହୁ ବିବାଦୀୟ ବିଶ୍ରା ଶିକ୍ଷାଧିକାରୀ ପଦବି ଖାଲି ରହିବା ସହ ରାଉରକେଲା ଲାଗି ନୂତନ ଭାବେ କରାଯାଇଥିବା ସିଟି ଏଜୁକେଶନ ଅଫିସର ପଦବୀ ମଧ୍ୟ ଘୋଷଣା ହେବା ଠାରୁ ଏକ ପ୍ରକାର ଖାଲି ପଡିଛି । ଏହାଦ୍ୱାରା ଉଭୟ ବିଶ୍ରା ଓ ରାଉରକେଲାର ଶିକ୍ଷା ବ୍ୟବସ୍ଥା ଯେଉଁଭଳି ଚାଲିଥିଲା ସେଥିରେ ପୁଣି ଅଧିକରୁ ଅଧିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ବିଶ୍ରା ବିଇଓ ପଦବୀକୁ ନେଇ ବିବାଦ ଆରମ୍ଭ ହେବା ପରେ ସେହି ଅଫିସ ବିଶ୍ରାକୁ ଗଲା, ହେଲେ ବିଇଓ ସେଠାରେ ବସୁନାହାନ୍ତି ପୁରା ଅଫିସ ସେଠାକୁ ଯାଉନି ଅଭିଯୋଗ ଆଣି ବିଭିନ୍ନ ସମୟରେ ବିଜେପି ଆନ୍ଦୋଳନ କଲା । ତା ଭିତରେ ବିଇଓ ସିନା ବିଭିନ ଅଂଚଳ ଗସ୍ତ କଲେ, କିନ୍ତୁ ରାଉରକେଲା ଶିକ୍ଷକ ଓ ପିଲାଙ୍କ ଅଭିଭାବକ ବିଶ୍ରାକୁ ଯାଇ ନପାରି ନିଜର ନାନା ସମସ୍ୟା ଦେଇ ଗତିକରୁଥିଲେ ବି ମୁହଁ ଖୋଲିବାକୁ ଭୟ କରୁଥିଲେ । ତେବେ ତାହାରି ଭିତରେ ସରକାରଙ୍କ ନିୟମ ଅନୁଶାରେ ଜିଲ୍ଲାପାଳ ସୁନ୍ଦରଗଡ ଜଣେ ଏଡିଇଓଙ୍କୁ ରାଉରକେଲାର ସିଇଓ ଭାବେ ନିଯୁକ୍ତ କଲେ । ହେଲେ ବିନା ଅଫିସ, କ୍ଷମତା, କାମ କଣ ହେବ ସେ ସବୁ ନଥାଇ ଏହି ନିଯୁକ୍ତି କେବଳ ନାମକୁ ମାତ୍ର ରହିଛି । ନିଯୁକ୍ତି ପାଇଥିବା ସିଇଓ କେବେ ରାଉରକେଲା ଆସିବା ଜଣାଗଲା ନାହିଁ । ଏହାରି ଭିତରେ ୩/୪ ମାସ ବିତିଗଲା, ରାଉରକେଲାର ଶିକ୍ଷକ ମାନେ ବିଇଓ ବିଶ୍ରାଙ୍କ ଅଫିସ ଅଧିନରେ ରହି ଚାଲିଥିଲେ, ତାପରେ ସରକାର ଚଳିତମାସ ୨୦ ତାରିଖରେ ଯେଉଁ ଆଦେଶନାମା କଲେ ସେଥିରେ ବିଇଓ ବିଶ୍ରା ପଦବୀ ଖାଲି ହୋଇଗଲା କାରଣ ଏଠାରୁ ବିଇଓଙ୍କୁ ସିନା ବଦଳି କରିଦେଲେ ହେଲେ ତାଙ୍କ ଯାଗାରେ କାହାକୁ ନିଯୁକ୍ତି ଦେଇନାହାନ୍ତି । ଆଗକୁ ପୁଜା ରହିଥିବା ବେଳେ ଶିକ୍ଷକ ମାନଙ୍କର ଦରମା ସାଙ୍ଗକୁ ପିଲାମାନଙ୍କର ନିୟମିତ ନାନା କାମ କିଭଳି ହେବ ଅଫିସ କେମିତି ଚାଲିବ ସେନେଇ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ବିଶ୍ରା ବିଇଓ ପଦବୀ ଲାଗି ଏବେ କସରତ ଜୋରସୋରରେ ଆରମ୍ଭ ହୋଇଥିବା ଖବର ମିଳିଛି । ଏହି କସରତରେ ଭାଗ ନେଇଥିବା କିଛି ବାବୁ ରାଉରକେଲାକୁ ସେହି ବିଶ୍ରା ଅଧିନରେ ରଖାଯାଇ ସେମାନଙ୍କୁ ବିଇଓ ବିଶ୍ରା ଭାବେ ନିଯୁକ୍ତି ଦେବାକୁ ଲାଗିପଡିଥିବା କୁହାଯାଉଛି । କାରଣ ରାଉରକେଲାରେ ଥିବା ଶିକ୍ଷା ବ୍ୟବସ୍ଥା ଭିତରେ ଘରୋଇ ବିଦ୍ୟାଳୟ ମାନଙ୍କ ସଂଖ୍ୟା ଅଧିକ, ସେମାନଙ୍କ ଭଲ ମନ୍ଦ ବୁଝିବା ଲାଭଦାୟକ ହୋଇଥିବାରୁ ଏହି ପଦବି ଲାଗି ଏବେ ଚାଲିଛି ମୁଲଚାଲ । ସେପଟେ ସରକାର ସିଇଓ ରାଉରକେଲାଙ୍କୁ କୌଣସି କ୍ଷମତା ଦେଉନଥିବାରୁ ସେ ମଧ୍ୟ ରାଉରକେଲା ଆସିବାକୁ ନାରାଜ । ଏଭଳି ସମସ୍ୟା ଭିତରେ ରାଉରକେଲା ଓ ବିଶ୍ରା ଭଳି ଯାଗାରେ ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ ବ୍ୟବସ୍ଥା କେଉଁ ଦିଗକୁ ଯିବ ତାକୁ ନେଇ ଏବେ ଜାଣିବା ଶୁଣିବା ମହଲରେ ଆଲୋଚନା ଜୋର ଧରିଛି ।

## ଖୋର୍ଦ୍ଧା ସହରରୁ ୫ ଲକ୍ଷ ଟଙ୍କାର ଉର୍ଦ୍ଧ୍ୱ ମୂଲ୍ୟର ବ୍ରାଉନ ସୁଗାର ଜବତ, ଚାରି ଗିରଫ

ଖୋର୍ଦ୍ଧା,(ପି.ଏନ): ଦିନକୁ ଦିନ ଖୋର୍ଦ୍ଧା ସହରରେ ବ୍ରାଉନ ସୁଗାର କାରବାର ବୃଦ୍ଧି ପାଇବାରେ ଲାଗିଛି । ତେବେ ଏହାକୁ ରୋକିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡୁଛି । ତେବେ ଗୁରୁବାର ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗୁରୁଜଙ୍ଗରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ ସୁଗାର ଜବତ କରିବା ସହ ଚାରି ଜଣଙ୍କୁ ପୋଲିସ ଗିରଫ କରିଛି । ଏପରିକି ଦୁଇଟି ବାଇକ ଜବତ କରିଛି ।ପୋଲିସ ସୂଚନା ମୁତାବକ ଗୁରୁଜଙ୍ଗ ଗିନି ଫାକ୍ଟ୍ରି ନିକଟରେ ବ୍ରାଉନ ସୁଗାର କାରବାର ଚାଲିଥିବାର ଏକ ବିଶେଷ ସୂତ୍ରରୁ ଖବର ପାଇଥିଲେ ଏସପି ସିଦ୍ଧାର୍ଥ କଟାରିଆ । ଏସପିଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଏସଡିପିଓ ଦିଲ୍ଲୀପ ଦାସ ଓ ଆଇଆଇସି ତାରିକ ଅହମଦଙ୍କ ତତ୍ତ୍ୱାବଧାନରେ ଏସଆଇ ପଦ୍ମଲୋଚନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ସମ୍ପୃକ୍ତ ଅଂଚଳରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ପୋଲିସ ୫୧ ଗ୍ରାମ ବ୍ରାଉନ ସୁଗାର (ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ୧୦ ହଜାର ଟଙ୍କା) ଜବତ କରିଥିବା ବେଳେ ଦୁଇଟି ବାଇକ ସମେତ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗର ସର୍ବେଶ୍ୱର ବେହେରା ଓରଫ ବାପି (୨୪), ଜୀବନ ମିଶ୍ର (୩୦), ଖୋର୍ଦ୍ଧା ମଠ ସାହିର କବିରାଜ ପ୍ରଧାନ (୪୦) ଓ କଟକ ଜିଲ୍ଲା ବାଙ୍କୀ ଥାନା ଚମ୍ପତିପୁର ଅଂଚଳର ଚିକୁନ କୁମାର ସାହୁ (୨୦) ।ଏନେଇ ଖୋର୍ଦ୍ଧା ଟାଉନ ଥାନା ପୋଲିସ କେସ ନମ୍ବର ୪୫୭/୨୨ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ।

## ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ସାମ୍ବାଦିକମାନେ ପିନ୍ଧିବେ କଳା ବ୍ୟାଚ

କେନ୍ଦ୍ରାପଡ଼ା, (ପି.ଏନ): ଜିଲ୍ଲାର ଦୁଇ କାର୍ଯ୍ୟରତ ସାମ୍ବାଦିକଙ୍କୁ ଜିଲ୍ଲାପାଳ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହେବା ପରେ କାର୍ଯ୍ୟରତ ସାମ୍ବାଦିକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୁଇଟି ଘରୋଇ ଚ୍ୟାନେଲର ପ୍ରତିନିଧି ରାଧାକାନ୍ତ ମହାନ୍ତି ଓ ପ୍ରଶାନ୍ତ କୁମାର ନାୟକ ଏକ ନ୍ୟୁଜ ସଙ୍କ୍ରାନ୍ତୀୟ ପ୍ରତିକ୍ରିୟା ନେବାପାଇଁ ଯାଇଥିବା ବେଳେ ଜିଲ୍ଲାପାଳ ତାଙ୍କୁ ପୂର୍ବ ପ୍ରସାରିତ ଏକ ଖବରକୁ ନେଇ ନିଜ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତମେମାନେ କାମଳ ସାମ୍ବାଦିକତା କରୁଛ ବୋଲି ଆକ୍ଷେପ କରିଥିବା ସାମ୍ବାଦିକ ଦ୍ୱୟ ଅଭିଯୋଗ କରିଛନ୍ତି । କେବଳ ସେତିକି ନୁହେଁ ତୁମକୁ ଜେଲ ପଠାଇ ଦେବି ବୋଲି ମଧ୍ୟ ଜିଲ୍ଲାପାଳ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏହାବ୍ୟତିତ ନିକଟରେ କନିକାର ବରିଷ୍ଠ ସାମ୍ବାଦିକ ଶିବରାମ ଦାସଙ୍କୁ ମଧ୍ୟ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ହୋଇଥିଲା । ଉଭୟ ଘଟଣାକୁ ଆଜିର ବୈଠକରେ ଘୋର ନିନ୍ଦା କରାଯାଇଥିଲା । ଏହି ଅଭିଯୋଗ ପାଇଲା ପରେ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାରର ପ୍ରତିବାଦରେ ଆସନ୍ତା କାଲି ଜିଲ୍ଲାର ସାମ୍ବାଦିକମାନେ କଳା ବ୍ୟାଚ ପରିଧାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ଚିତ ରଞ୍ଜନ ସାହୁ, ଗଣେଶ ଚନ୍ଦ୍ର ସାମଲ, ଚିରଞ୍ଜନ ଦାସ, ଜଗନ୍ନାଥ ଧଳ, ଜୀବନ କୁମାର ସିଂ, ପରେଶ ଦାସ, ମାତୃଦ ମହାନ୍ତି, ପ୍ରଭାତ ପରିଡା, ସନ୍ତୋଷ ପଣ୍ଡା, ରବି ନାରାୟଣ ପତି, ଦୁର୍ଗା ପ୍ରସାଦ ପତି, ମହମ୍ମଦ ଇଲିଆସ, ମନୋଜ କୁମାର ସ୍ୱାଇଁ, ରାଜେଶ ବେହେରା, ପ୍ରଭାତ ଲେଙ୍କା, ବିରେନ ଦାସ, ପ୍ରଶାନ୍ତ ନାୟକ, ରାଧାକାନ୍ତ ମହାନ୍ତି, ଦେବଦତ ଦାଶ, କୈଳାସ ସାହୁ, ପ୍ରସନ୍ନ ଧଳ, ଲକ୍ଷ୍ମୀକାନ୍ତ ନାୟକ, ମହେଶ ପାଢ଼ି, ରବିନ ଦାଶ, ଦିଲ୍ଲୀପ ମହାନ୍ତି, ସନ୍ତୋଷ କର, ଶିବାଶିଷ ମହାନ୍ତି, ବଳରାମ ବେହେରା, ନୟନମଣୀ ସାମଲ, ହରେକୃଷ୍ଣ ବେହେରା, ରାକେଶ ଲେଙ୍କା, ସ୍ୱପ୍ନାମୟୀ ପଣ୍ଡା, ଜଗଦିଶ ପତି ପ୍ରମୁଖ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ ।

### କେନ୍ଦୁମୁଣ୍ଡା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଲା, ୧୫ ଆକ୍ରାନ୍ତ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ

ନୂଆପଡ଼ା,(ପି.ଏନ): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ଗ୍ରାମରେ ବ୍ୟାପିଛି ଝାଡ଼ାବାନ୍ତି । ୧୫ ଜଣ ଆକ୍ରାନ୍ତ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ସମସ୍ତଙ୍କ ପରିସ୍ଥିତି ନିୟନ୍ତ୍ରିତ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ । ଏହି ଝାଡ଼ାବାନ୍ତି ନେଇ ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନ ମିଳିତ ରୂପେ ସଚେତନତା ସଭା ଏବଂ ଗ୍ରାମ ବୁଲି ଲୋକଙ୍କୁ ବୁଝାଇଛନ୍ତି । ବିଶେଷ କରି ଗ୍ରାମରେ ଥିବା ତିନି ଗୋଟି ନଳକୂପକୁ ବିଶୋଧନ କରିଥିବା ବେଳେ ପାନୀୟ ଜଳ ଗ୍ରହଣ କରିବାକୁ ସତର୍କତା ଅବଲମ୍ବନ କରିବାକୁ ଆହ୍ୱାନ କରିଛନ୍ତି । ପାନୀୟ ଜଳକୁ ଫୁଟାଇ ପିଇବା ସହ ହେଲୋଜିନ ବଟିକା ବଂଟନ କରିଛନ୍ତି ।ଏହି ସଚେତନତା ସଭାରେ ସିନାପାଲି ବିଡ଼ିଓ ସର୍ବେଶ୍ୱର ଜାଲ, ତହସିଲଦାର ଲୋକନାଥ ଶବର, ଡ଼ଃ.ଭୈରବ କୁମାର ପାଣିଗ୍ରାହୀ, ସରପଂଚ ମଦନ ଦଣ୍ଡସେନା ସ୍ୱାସ୍ଥ୍ୟ କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ଆଶା ମାନେ ଯୋଗଦେଇ ଘର ଘର ବୁଲି ଲୋକଙ୍କୁ ବୁଝାଇଛନ୍ତି ।

## ଆଶା କର୍ମୀ ସଂଘ ପକ୍ଷରୁ ଜିଲ୍ଲା ସମ୍ମିଳନୀ ତଥା କେନ୍ଦ୍ର ଓ ରାଜ୍ୟ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ପ୍ରଦାନ

ବାରିପଦା,(ପି.ଏନ): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ରାଜ୍ୟ ଆଶା କର୍ମୀ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ଆଜି ବାରିପଦା ଷ୍ଟାଡିୟମ୍ ହଲ୍ ଠାରେ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୧୦ ଦଫା ଦାବି ପତ୍ର ପ୍ରଧାନମନ୍ତ୍ରୀ, ନୂଆଦିଲ୍ଲୀ ଓ ମୁଖ୍ୟମନ୍ତ୍ରୀ, ଭୁବନେଶ୍ୱରଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରେରଣ କରାଯାଇଥିଲା । ରାଜ୍ୟ ପଦାଧିକାରୀ ତଥା ଜିଲ୍ଲା ଉପଦେଷ୍ଟା ନିଗମାନନ୍ଦ ପଟ୍ଟନାୟକ ଦ୍ୱୀପ ପ୍ରଜ୍ଜ୍ୱଳନ କରି ସଭାକାର୍ଯ୍ୟ ଉଦଘାଟନ କରିଥିଲେ । ଏଠାରେ ସଭାପତିତ୍ୱ କରିଥିଲେ ଆଶାକର୍ମୀ ସଂଘର ଜିଲ୍ଲାସଭାନେତ୍ରି ସୁନାମଣି ଚମ୍ପେୟର । ସାଧାରଣ ସମ୍ପାଦିକା ଅନୁପମା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବି.ଏମ୍.ଏସ୍.ର ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ଡାକ୍ତର ମହାନ୍ତ, ମୁଖ୍ୟବକ୍ତା ଆଶାକର୍ମୀ ସଂଘର ମୟୂରଭଞ୍ଜ ପ୍ରଭାରୀ କୁମ୍ଦେଇ ପଦାଧିକାରୀ ନିଗମାନନ୍ଦ ପଟ୍ଟନାୟକ, ବି.ଏମ୍.ଏସ୍.ର ଜିଲ୍ଲା ସମ୍ପାଦକ- ବୋଧି ରଜତ ମହାନ୍ତ, ସହ ସମ୍ପାଦକ ଦେବାଶିଷ ନାଏକ, ସଂଗଠନ ସମ୍ପାଦକ କୌଶିକ କାସ୍ୟପ ମହାନ୍ତି ଓ ଭିମ ଚରଣ ମହାକୁଡ ପ୍ରମୁଖ ମଂଚାସିନ ଥିଲେ ।ଡାକ୍ତର ମହାନ୍ତ( ମୁଖ୍ୟ ଅତିଥି) କହନ୍ତି ଯେ, କରୋନା ମହାମାରୀରେ ରାଜ୍ୟରେ କେତେକ ଆଶାକର୍ମୀ ଜୀବନ ହରାଇଥିଲେ ମଧ୍ୟ କରୋନା ଯୋଦ୍ଧା ଭାବେ ୫୦ ଲକ୍ଷ ସହାୟତା ରାଶି ପାଇପାରିନାହାଁନ୍ତି । ଆଶାକର୍ମୀ ମାନଙ୍କ ପ୍ରତି ଏହା ବିଶ୍ୱାସଘାତ ହୋଇଛି ।ମୁଖ୍ୟବକ୍ତା ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ନିଜକୁ ସ୍ୱେଚ୍ଛାସେବୀ ବା ସମାଜସେବୀ କହୁଥିବା ବିଧାୟକ, ସାଂସଦ ମାନେ ନିଜ ପାଇଁ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଦରମା ଓ ପେନସନ ନେବାପାଇଁ ହକଦାର ହେଉଛନ୍ତି, କିନ୍ତୁ ହଜାର ହଜାର ଆଶାକର୍ମୀ ଦିନ ରାତି ପରିଶ୍ରମ କରି ସର୍ବନିମ୍ନ ଦରମା ପାଇପାରୁନାହାଁନ୍ତି । ଏହାଠାରୁ ଲଜ୍ୟାକର ବିଷୟ କ'ଣ ଥାଇପାରେ ? ବି.ଏମ.ଏସ ଜିଲ୍ଲା ସଭାନେତ୍ରୀ ସରସ୍ୱତୀ ଟୁଡୁ କହନ୍ତି, ମୟୁରଭଞ୍ଜ ଜିଲ୍ଲାରେ ଭାରତୀୟ ମଜଦୁର ସଂଘକୁ ପଚାଂୟତ ସ୍ତର ପର୍ଯ୍ୟନ୍ତ ପହଂଚି ତାକୁ ମଜଭୁତ କରିବା, ସେଥିପାଇଁ ସବୁ ବର୍ଗ, ସବୁ ସ୍ତରରୁ ପ୍ରୟାସ କରିବା ଉଚିତ ।ଏହି ଅବସରରେ ଜିଲ୍ଲା ଆଶା କର୍ମୀ ସଂଘର ନୂତନ କର୍ମକର୍ତା ନିର୍ବାଚନ ହୋଇଥିଲା । ଏଥିରେ ଉପଦେଷ୍ଟା ଭାବେ ନିଗମାନନ୍ଦ ପଟ୍ଟନାୟକ ଓ ଅନୁପମା ଦାସ, ସଭାନେତ୍ରୀ ସୁନାମଣି ଚାମ୍ପିୟାର, ଉପସଭାପତି କୁନ୍ତଳା କୁମାରୀ ହାଁସଦା, ରୀନା ରଥ, ବୀଣାପାଣି ଗାଗରାଇ, ସମ୍ପାଦକ ଗୋଲାପୀ ନାଏକ, ସହସମ୍ପାଦକ ଇନ୍ଦ୍ରାବତୀ ବାରିକ, ଗୀତା ଗିରି, ସଂଗଠନ ସମ୍ପାଦକ, କୋଷାଧ୍ୟକ୍ଷ, ସଦସ୍ୟ ବୃନ୍ଦ ହେଲେ- ତୁଳସୀ ସୋରେନ, ଲଳିତା ନାଏକ, ମିନୁରାଣୀ ମହାନ୍ତ, ମଞ୍ଜୁଲତା ମହାକୁଡ଼, ସୁମିତ୍ରା ବେସ୍ରା ପ୍ରମୁଖ ମନୋନୀତ ହୋଇଥିଲେ । ପ୍ରଥମେ ଜିଲ୍ଲା ସମ୍ମିଳନୀ ପରେ କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ୧୨ଟା ୪୫ ରେ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଂଚି ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ଓଡ଼ିଶା- ଆନ୍ଧ୍ର ସୀମାରେ ମାଓବାଦୀଙ୍କ ବାରୁଦଗଦା ଠାବ

ଜୟପୁର, (ପି.ଏନ): ଓଡ଼ିଶା - ଆନ୍ଧ୍ର ସୀମାବର୍ତି ଇଲାକା ରେ କୋରାପୁଟ ର ମାଛକୁଣ୍ଡ ଓ ମାଲକାନଗିରି ପୋଲିସ ଥାନା ଅନ୍ତର୍ଗତ କୁସୁମପୁଟ , ମାତାମ୍ପୁଟ ସମେତ ଆନ୍ଧ୍ର ପ୍ରଦେଶ ର ଆଲୁରି ସିତରମରାୟୁ ଜିଲ୍ଲାର ଯୋଡ଼ିଗୁମ୍ମା ଅଂଚଳରେ ଓଡ଼ିଶା ପୋଲିସ ଓ ବିଏସଏଫ ର ମିଳିତ ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ଅନ୍ଦ୍ରାହାଲ ପଂଚାୟତ ଅନ୍ତର୍ଗତ ସିନ୍ଧିପୁଟ ନିକଟ ଜଙ୍ଗଲ ମଧ୍ୟରୁ ମାଓବାଦୀଙ୍କ ବାରୁଦଗଦା ଠାବ କରାଯାଇଥିବା କୋରାପୁଟ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ଚଢାଉ ବେଳେ ମାଟିତଳେ ମାଓବାଦୀ ଲୁଚାଇ ରଖିଥିବା ୭୦ ହଜାର ଟଙ୍କା ର ୫୦୦ ଟଙ୍କିଆ ନୋଟ , ୧୭ ମିଟର କୋଡେକ୍ସ ତାର , ୩୧ ଟି ଜିଲେଟିନ କାଠି , ୧୧ଟି ଇଲେକ୍ଟ୍ରିକ ଡିଟନେଟର ୨ଟି ଟିଫିନ୍ ବୋମା ଓ ଗୋଟିଏ ପ୍ରେସର୍ କୁକର ବୋମା ମିଳିଥିବା ଏସପି ଜଣାଇଛନ୍ତି ।

## ଭୁବନ ଏନଏସି ତରଫରୁ ସ୍ୱଚ୍ଛ ଭାରତ ପ୍ରଶିକ୍ଷଣ ଶିବିର

ଭୁବନ,(ପି.ଏନ): ଭୁବନ ଏନଏସି ତରଫରୁ ସଦ୍‌ଭାବନା ଗୃହଠାରେ ସ୍ୱଚ୍ଛଭାରତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରକୁ ସବୁଜ ସୁନ୍ଦର କରି ଗଢିତୋଳିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପରିଷଦର ସମସ୍ତ ୱାର୍ଡ ମଧ୍ୟରେ ସ୍ୱଚ୍ଛ ସାଥୀମାନଙ୍କ କର୍ତବ୍ୟ ସଂପର୍କରେ ଆଲୋକପାତ କରିଥିଲେ । ସ୍ୱଚ୍ଛସାଥୀମାନେ ଦୈନିକ ପ୍ରତ୍ୟେକ ଗୃହରୁ ଶୁଖିଲା, ଓଦା ବର୍ଜ୍ୟ ଅଲଗା ସଂଗ୍ରହ କରି ଅଳିଆ ଗାଡିରେ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବର୍ଜ୍ୟବସ୍ତୁ ଦ୍ୱାରା ଏନଏସିରେ ଥିବା ଦୁଇଟି ସମ୍ପଦ୍‌ରୁ ଜୈବିକ ଖତ ପ୍ରସ୍ତୁତ ହୋଇ ବିକ୍ରି କରାଯିବ ବୋଲି କହିଥିଲେ । ପ୍ରତ୍ୟେକ ୱାର୍ଡର ପରିମଳ ବ୍ୟବସ୍ଥା ଓ ସଂଧ୍ୟାରେ ଆଲୋକ ବ୍ୟବସ୍ଥା ସହିତ ୟୁଜର୍ସ ଫି ଆଦାୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ସାନିଟାରୀ ଇନ୍ସପେକ୍ଟର ଆକାଶବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର, ସ୍ୱଚ୍ଛସାଥୀ, ସୁପର ଭାଇଜର ଓ ସ୍ୱଚ୍ଛକର୍ମୀ ଯୋଗ ଦେଇଥିଲେ ।

## ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ +୨ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ

ସାକ୍ଷୀଗୋପାଳ, (ପି.ଏନ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ +୨ ପ୍ରଥମ ବର୍ଷର କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ନବାଗତ ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ଉତ୍ସବ ଅତି ଉତ୍ସାହ ଓ ଉଦ୍ଦିପନାର ସହିତ ଆଜି ଆୟୋଜିତ ହୋଇଯାଇଛି । ତିନୋଟି ବିଭାଗର ପ୍ରାୟ ଛଅ ଶହ ଛାତ୍ରଛାତ୍ରୀଙ୍କୁ ଛଅ ଗୋଟି ଭିନ୍ନ ଭିନ୍ନ ପ୍ରକୋଷ୍ଠରେ ବସାଇ ଏହି କାର୍ଯ୍ୟକ୍ରମକୁ ସମ୍ପୃକ୍ତ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ପରିଚାଳିତ କରିଥିଲେ । ଉତ୍ସବରେ ସଭାପତିତ୍ୱ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ରତିକାନ୍ତ ପରିଡା ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କୁ ମହାବିଦ୍ୟାଳୟର ଗୌରବମୟ ଇତିହାସ ତଥା ବର୍ତମାନ ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ମହାବିଦ୍ୟାଳୟର ଐତିହ୍ୟ, ପରମ୍ପରା, ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳାବୋଧ, ଶୈକ୍ଷିକ ପରିବେଶ, ପରୀକ୍ଷାରେ କପି ପ୍ରତି ଶୂନ୍ୟ ସହନଶୀଳତା, କ୍ରୀଡ଼ା, କଳା,ସଂସ୍କୃତିକ ପ୍ରତିଯୋଗିତା, ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ସ୍କାଉଟ ଓ ଗାଇଡ଼ସ, ପାଠାଗାର ତଥା ପଠନ ଗୃହ ଯେକୌଣସି ମହାବିଦ୍ୟାଳୟ ଠାରୁ ଉତ୍କୃଷ୍ଟ ' ବୋଲି ଡ଼ଃ. ପରିଡା ପ୍ରକାଶ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜର ସ୍ୱପ୍ନକୁ ନିଷ୍ଠାର ସହ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପ୍ର. ସୁଜାତା ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀର ୭୫ % ଉପସ୍ଥାପନାର ଆବଶ୍ୟକତା ସହ ମହାବିଦ୍ୟାଳୟ ପରିସର ଶୃଙ୍ଖଳା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ ।ଇଂରାଜୀ ବିଭାଗର ମୁଖ୍ୟ ପ୍ର. ମନୋଜ ପରିଡା ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟାଳୟର ନୀତି ନିୟମ ଗୁଡିକ ବିଷୟରେ ଅବଗତ କରାଇବା ସହ ଇତିହାସ ବିଭାଗର ମୁଖ୍ୟା ପ୍ର. ସ୍ୱର୍ଣ୍ଣଲତା ମାହାରୀ ଛାତ୍ରଛାତ୍ରୀମାନଙ୍କୁ ଉତମ ଚରିତ୍ର ଗଠନ ସହିତ ମାନବୀୟ ମୂଲ୍ୟବୋଧ ସମ୍ପର୍କରେ ଧାରଣା ଦେଇଥିଲେ । ଏଥି ସହିତ ପ୍ର. ସତ୍ୟ ଶିବ ସୁନ୍ଦର, ପ୍ର. ଚନ୍ଦ୍ରଶେଖର ତ୍ରିପାଠୀ, ଡ଼ଃ. କଳ୍ପନା କୁମାରୀ ମହାପାତ୍ର, ପ୍ର. ସସ୍ମିତା ପ୍ରଧାନ, ପ୍ର. ଶଙ୍କର ପ୍ରସାଦ ମିଶ୍ର, ପ୍ର. ନଳିନୀଲୋଚନ ଦାଶ, ପ୍ର. ରାଜଶ୍ରୀ ଶତପଥି, ପ୍ର. ବିଜୟଲକ୍ଷ୍ମୀ ମିଶ୍ର, ପ୍ର. ଜିତେନ୍ ଦାସ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଅନେକ ପରାମର୍ଶ ଦେଇଥିଲେ । ଏହି ଅବସରରେ ସମସ୍ତ ନବାଗତ ଛାତ୍ରଛାତ୍ରୀ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତି ସମ୍ମୁଖରେ ସମ୍ମିଳିତ ହୋଇ ଅନୁଷ୍ଠାନର ନିୟମ ପାଳନ ସହ ସମସ୍ତ ଶୈକ୍ଷୀକ ଓ ଅଣଶୈକ୍ଷିକ କାର୍ଯ୍ୟକ୍ରମରେ ଭାଗନେବା ସହ ଅନୁଷ୍ଠାନ ତଥା ପରିବାରର ଗୌରବବୃଦ୍ଧି ପାଇଁ ଉଦ୍ୟମ କରିବାକୁ ଶପଥ ନେଇଥିଲେ । ଶିକ୍ଷା ବିଭାଗର ଅଧ୍ୟାପିକା ପ୍ର. ଶୁଭ୍ରଦୀପ୍ତା ପଟ୍ଟନାୟକ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ ମହାବିଦ୍ୟାଳୟର ମୁଖ୍ୟ କିରାଣୀ ଶ୍ରୀଯୁକ୍ତ ରାଜକିଶୋର ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବନ ବିଭାଗର ଚଢଉ : କାଠ ଭର୍ତ୍ତି ବୋଲେରୋ ଜବତ, ୩ ଗିରଫ

ନୂଆପଡ଼ା,(ପି.ଏନ): ନୂଆପଡ଼ା ଜିଲ୍ଲା ସିନାପାଲି ବନ ବିଭାଗ ତରଫରୁ ଗତକାଲି ମଧ୍ୟରାତ୍ରିରେ ତାଲାକୋଟ ଠାରେ ଚଢଉ କରି ୩୦ ଖଣ୍ଡ ଶାଗୁଆନ କାଠ ଭର୍ତି ବୋଲେରୋ ଗାଡ଼ି ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତ ହେଲେ ତାଲାକୋଟ ଗ୍ରାମର ଅଖିଳ ଚିନ୍ଦା ( ୩୫), କୁସୁମଯୋର ଗ୍ରାମର ଗୋପିନାଥ ରାଉତ ( ୩୯) ଏବଂ ପୂର୍ଣ୍ଣଚନ୍ଦ୍ର ନାଗ (୪୦) ।ବୁଧବାର ମଧ୍ୟରାତ୍ରିରେ ଏହି ଶାଗୁଆନ କାଠ ଚୋରା ଚାରଣ ହେଉଥିଲା । କୌଣସି ସୂତ୍ରରୁ ସିନାପାଲି ବନଖଣ୍ଡ ଅଧିକାରୀ ମୁରାରୀ ପଣ୍ଡା ଖବର ପାଇଥିଲେ । ସିନାପାଲି ବନଖଣ୍ଡ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହିତ ଏହି ଚଢଉ କରାଯାଇଥିଲା । ଏହି ଚୋରାଚାଲାଣ କାଠ ସିନାପାଲି ଥାନା ଅନ୍ତର୍ଗତ କୁସୁମଯୋର ଗ୍ରାମକୁ ପହଂଚାଇବାର ଥିଲା । ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗ ଆନୁମାନ କରିଛି । ଓଡ଼ିଶା ବନ ଆଇନ୧୯୭୨ ର ଦଫା ୫୬ ଅନୁଯାୟୀ, ଓଡିଶା କାଷ୍ଠ ଓ ଅନ୍ୟ ବନ୍ୟଜାତ ଦ୍ରବ୍ୟ ଚାଳିତ ନିୟମ ୧୯୮୦ ପ୍ରକାରେ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।ଏହି ଚଢଉରେ ସିନାପାଲି ବନବିଭାଗର ଶିବ ପ୍ରସାଦ ରଥ ଏସିପି, ତ୍ରିବିକ୍ରମ ନାଏକ ବନପାଳ, ଖଗେଶ୍ୱର ମାଝୀ ବନପାଳ, ଉପେନ୍ଦ୍ର ମହାଉତି ବନପାଳ, ସଂଗ୍ରାମ ପ୍ରଧାନ ବନପାଳ, ବିମ୍ବାଧର ହଂସ, ଡମ୍ବରୁଧର ମାଝୀ ପ୍ରମୁଖ ସାମିଲ ଥିଲେ ।

## ଫିରିଙ୍ଗିଆ ବ୍ଲକ କଳା ଓ ସାଂସ୍କୃତିକ ସଂଘ କାର୍ଯ୍ୟାଳୟ ଉଦଘାଟିତ

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ସାଂସ୍କୃତି ବିଭାଗର ଅନୁମୋଦନ କ୍ରମେ ଫିରିଙ୍ଗିଆ ବ୍ଲକ କଳା ସାଂସ୍କୃତିକ ସଂଘର ଏକ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ସଂଘର ସ୍ଥାୟୀ ସଭାପତି ତଥା ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମହନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନୀ ଉତ୍ସବର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ବ୍ଲକ ଉପାଧକ୍ଷା ନମିତା କହଁର, କନ୍ଧମାଳ ଜିଲ୍ଲା ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ମଲିକ, ଜିଲ୍ଲା କଳା ସାଂସ୍କୃତିକ ସଂଘର ଉପସଭାପତି ଅକ୍ଷୟ କୁମାର କର୍ଣ୍ଣ, ଅଂଚଳର ଜଣାଶୁଣା ମଂଚ ଅଭିନେତା ତଥା ମଂଚ ଉଦଘୋଷକ ସଞ୍ଜୟ କୁମାର ଦିଗାଲ, ବିଶିଷ୍ଟ ସମାଜସେବୀ କଂସଦେବ ସାହୁ, ବରିଷ୍ଠ କଳାକାର ଅଚ୍ୟୁତ ବେହେରା, ବିଶିଷ୍ଟ ପାଲା ଗାୟକ, ଇନ୍ଦ୍ରଜିତ କହଁର, ବିଶିଷ୍ଟ ନଦିଆ ଗୁରୁ କରୁଣା କର୍ଣ୍ଣ, କ.ନୁଆଁଗା କଳାକାର ସଂଘର ଉପସଭାପତି ତ୍ରିନାଥ ପଣ୍ଡା, ସାମ୍ବାଦିକ ଶୁଧାଂସୁ କୁମାର କହଁର, ବାଲିଗୁଡା ଉପସଭାପତି ପ୍ରମୋଦ କୁମାର ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରୁ ଫିରିଙ୍ଗିଆର ଆଧିଷ୍ଠାତ୍ରୀ ଦେବୀ ମା ପିତାବଳୀ ଦେବୀଙ୍କ ମନ୍ଦିର ନିକଟରେ ଅତିଥି ମାନଙ୍କୁ ସ୍ୱାଗତ କରାଯିବା ପରେ, ଜିଲ୍ଲାର ପାରମ୍ପାରିକ ଆଦିବାସୀ ଢୋଲ ଓ ବାଦ୍ୟ ସହ ଏକ ସାଂସ୍କୃତିକ ଶୋଭାଯାତ୍ରା ଆନୁଷ୍ଠିତ ହୋଇଥିଲ ।ଏହି ଶୋଭାଯାତ୍ରା, ପିତାବଳୀ ମନ୍ଦିରରୁ ବାହାରି ବ୍ଲକ ପର୍ଯ୍ୟନ୍ତ ନଗର ଭ୍ରମଣ କରିଥିଲା । ଏହି ଅବସରରେ ବ୍ଲକର ସଭାଗୃହ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାକାର୍ଯ୍ୟକୁ ଫିରିଙ୍ଗିଆର ସୁପରିଚିତ ମଂଚ ଅଭିନେତା ତଥା ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପରିଚାଳନା କରିଥିଲେ । ଏହି ସଭାରେ କଳାକାର ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହେବା ସହ ଫିରିଙ୍ଗିଆର କଳାକାର ମାନଙ୍କ ପାଇଁ ଏକ ସ୍ଥାୟୀ ଗୃହ ନିର୍ମାଣ ପାଇଁ ବିଧାୟକଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଥିଲା । କାର୍ଯ୍ୟାଳୟ ହେବା ଦ୍ୱାରା ଅଂଚଳରେ ରହିଥିବା କଳାକାର ମାନେ ଉପକୃତ ହୋଇପାରିବେ ବୋଲି ବିଡିଓ କହିଛନ୍ତି ।


MAHARISHI PUBLIC SCHOOL (logo)

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Saturday September 24, 2022 ଭୁବନେଶ୍ୱର ଶନିବାର, ସେପ୍ଟେମ୍ବର ୨୪,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com








## ଜ୍ୟୋତି ଲେଡିଜ୍ କ୍ଲବ୍ ପକ୍ଷରୁ ସହାୟତା ପ୍ରଦାନ




ପାରାଦୀପ,(ପି.ଏନ):ଜିଲ୍ଲାର ବିଭିନ୍ନ ସ୍ଥାନରେ ଅସହାୟ ତଥା ଅନଗ୍ରସରଙ୍କୁ ସହାୟତା ହାତ ବଢ଼ାଇ ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ୍ ନିଜର ଉପସ୍ଥିତି ଜାହିର କରି ସାରିଛି । ଶୁକ୍ରବାର ଦିନ ଜ୍ୟୋତି ଲେଡିଜ୍ କ୍ଲବ୍ ପକ୍ଷରୁ ପାରାଦୀପ ଅଂଚଳର ମୂକ ଓ ବଧିର ଦୁଇ ଝିଅ ଗୀତାଂଜଳୀ ଓ ସୀତାଂଜଳୀ ମାଝୀଙ୍କୁ କଲେଜ ଫି ସମେତ ପୋଷାକ ପ୍ରଦାନ କରାଯାଇଛି । ପାରାଦୀପ ତଥା ଆଖପାଖ ଅଂଚଳର ରାଜରାସ୍ତାରେ ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତ ଗାଈଗୋରୁଙ୍କୁ ଉଦ୍ଧାର କରି ସେମାଙ୍କୁ ଚିକିତ୍ସା ଯୋଗାଇବା ସହିତ ସୁରକ୍ଷିତ ଭାବେ ଲାଳନପାଳନ କରି ଆସୁଥିବା ମା ଶାରଳା ଗୋସେବା ଆଶ୍ରମକୁ ସହାୟତାର ହାତ ବଢାଇଛନ୍ତି ଜ୍ୟୋତି ଲେଡିଜ୍ କ୍ଲବ ଇଫକୋ । ଶୁକ୍ରବାର ଅପରାହ୍ନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜ୍ୟୋତି ଲେଡିଜ୍ କ୍ଲବ୍ର ଅଧ୍ୟକ୍ଷା ମମତା ପଟେଲଙ୍କ ସହିତ ମିଳି ନୀଳାମ୍ବରନ୍, ଜାହ୍ନବୀ ଭାରତୀ ଓ ଇଫକୋ କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପ୍ରମୁଖ ତାରିଣୀଗଡାସ୍ଥିତ ଗୋସେବାଶ୍ରମରେ ପହଂଚି ଆଶ୍ରମରେ ଥିବା ୧୧୨ ଗୋଟି ଗୋମାତାଙ୍କ ସେବା କରିଥିଲେ । ଗୋମାତାଙ୍କୁ ଖାଦ୍ୟ ଖୁଆଇବା ସହିତ ଆର୍ଶିବାଦ ଗ୍ରହଣ କରିଥିଲେ । ଏଥି ସହିତ ଗୋମାତାଙ୍କ ନିମନ୍ତେ କିଛି ଗୋ ଖାଦ୍ୟ ମଧ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାଆ ଶାରଳା ଗୋ ସେବା ଆଶ୍ରମର ସଭାପତି କର୍ମଜୀତ ଜେନା, ସମ୍ପାଦକ ଉମେଶ ଦାସ, ନାରାୟଣ ସାହୁ, ଧୃତିଧର ଦାସ ପ୍ରମୁଖ ଯୋଗ ଦେଇ ଗୋମାତାଙ୍କ ଆର୍ଶିବାଦ ଲାଭ କରିଥିଲେ । ଆଗାମୀ ଦିନରେ ଆଶ୍ରମରେ ରହୁଥିବା ଗୋମାତା ମାନଙ୍କ ନିମନ୍ତେ ସମସ୍ତ ସହାୟତା ପ୍ରଦାନ କରିବାକୁ ଚେଷ୍ଟା କରିବେ ବୋଲି ଶ୍ରୀମତୀ ପଟେଲ କହିଥିଲେ । ଏହି ଭଳି ଭାବେ ସମାଜ ସେବା କର୍ଯ୍ୟକ୍ରମରେ ଜ୍ୟୋତି ଲେଡିଜ୍ କ୍ଲବ୍ ସହାୟତା ଜାରୀ ରଖିବ ବୋଲି ଶ୍ରୀମତୀ ପଟେଲ୍ କହିଛନ୍ତି ।

## ଅବକାରୀ ଚଢାଉ ଦେଶୀ ମଦ ସହ ୨ ଗିରଫ

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ନାରାୟଣ ମେହେରଙ୍କ ନିର୍ଦ୍ଦେଶ କ୍ରମେ ମାଜିଷ୍ଟ୍ରେଟ୍ ପ୍ରଦୀପ କୁମାର ପାଢୀଙ୍କ ଉପସ୍ଥିତିରେ ଆନନ୍ଦପୁର ଅବକାରୀ ବିଭାଗ ଭାରପ୍ରାପ୍ତ ଅଧିକାରୀ କୃଷ୍ଣଚନ୍ଦ୍ର ପରିଡା ଓ ଅବକାରୀ ନୀରିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତଙ୍କ ସହ ଅବକାରୀ କର୍ମଚାରୀଙ୍କୁ ନେଇ ହାଟଡିହି ବ୍ଲକ ସୋସୋ ଥାନା ଅନ୍ତର୍ଗତ ଢେଙ୍କା ଗ୍ରାମର ହାଟସାହି ତଳ ପୋଖରୀ ନିକଟ ବନ୍ଧତଳୁ କାପୁରା ମାଝୀଙ୍କ ସ୍ୱାମୀ ଧର୍ମାନନ୍ଦଙ୍କ ଠାରୁ ୪୦ଲିଟର, ପୁରୁଣାପାଣି ଅଂଚଳର ସିଙ୍ଗରାୟ ସୋରେନଙ୍କ ଠାରୁ ୨୦୦ ଲିଟର ଏବଂ ୪୦୦୦କିଲୋ ଗୁଡ ମହୁଲ ପୋଚ, ହାଟସାହି ତଳ ପୋଖରୀ ବନ୍ଧ ତଳୁ ୧୦୦୦୦କିଲୋ ମହୁଲ ଗୁଡ ପୋଚ ଜବତ କରାଯାଇଥିବା ବେଳେ ୮୦୦ଲିଟର ମହୁଲି ମଦ ନଷ୍ଟ କରାଯାଇଛି । ଏହି ଚଢାଉରେ ଅବକାରୀ ବିଭାଗର ସୁଶାନ୍ତ କୁମାର ରାଉତ, ଲକ୍ଷ୍ମଣ ମହାନ୍ତ, ନିବେଦିତା ମାଝୀ, ମନୁଗିରି ମାଝୀ, ରେବତୀ ସାହୁ ଏବଂ ଏଏସ୍ଆଇ ରନ ସାହୁ ସହଯୋଗ କରିଥିବା ବେଳେ ଆଗାମୀ ଦୁଇଜଣଙ୍କୁ ହାଟଡହି କୋର୍ଟ ଚାଲାଣ କରାଯାଇଛି । ସୂଚନା ଥାଉକି ଗତ କିଛିଦିନ ତଳେ ଏହି ଦୁଇଜଣ ଆସାମୀ କୋର୍ଟରୁ ଜାମିନରେ ଆସିଥିଲେ ।

## ଆନନ୍ଦପୁର ମହାବିଦ୍ୟାଳୟରେ ମୂଲ୍ୟବୋଧ ଭିତ୍ତିକ ପାଠଚକ୍ର



ଘଷିପୁରା,(ପି.ଏନ):ଆନନ୍ଦପୁର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମୂଲ୍ୟବୋଧ ଭିତ୍ତିକ ପାଠଚକ୍ରକୁ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ବିଜୟ କୁମାର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ପାଠଚକ୍ରରେ ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ ଯୋଗ ଦେଇ ଭଲ ପାଠ ପଢି ସମାଜରେ ଜଣେ ଭଲ ମଣିଷ ହେବାପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ । ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧକ୍ଷ ମେଜର ଡଃ ଦିଲ୍ଲୀପ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ରଘୁଦିପ୍ତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟଅତିଥି ଡଃ ବେହେରାଙ୍କ ଦ୍ୱାରା କଲେଜର ମୁଖପତ୍ର ନ୍ତଶାଶ୍ୱତନ୍ତ ଉନ୍ମୋଚିତ ହୋଇଥିଲା । ଦର୍ଶନ ବିଭାଗର ପ୍ରାଧାପକ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଦୃଢ ମନୋବଳ, ଇଛାଶକ୍ତି ଓ ସାଧନା ବଳରେ ଛାତ୍ରଛାତ୍ରୀମାନେ ଜୀବନରେ ସଫଳତା ଅର୍ଜନ କରିପାରିବେ ବୋଲି ମୁଖ୍ୟଅତିଥି ଅଭିଭାଷଣରେ କହିଥିଲେ । ପ୍ରାଧାପକ ଡଃ ଶକ୍ତି ପ୍ରସାଦ ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫୁଲ କୁମାର ପଣ୍ଡା ସଂଯୋଜନା କରିଥିଲେ । ଡଃ ଦିବ୍ୟଲୋଚନ ଭୂୟାଁ, ପ୍ରାଧାପକ ଶିବ ଚରଣ ବେହେରା,ପ୍ରଦୀପ ଧଳ,ଅନନ୍ତ ଚରଣ ମହାନ୍ତି, ରବୀନ୍ଦ୍ର ନାୟକ, ଡଃ କମଳିନୀ ପାଣିଗ୍ରାହୀ, ଅନୀତା ଦାଶ,ଭାରତୀ ସାହୁ, ଗୀତାଳି ନାୟକ, ଶ୍ରୀଲେଖା ସାହୁ, ଓଜେଲ ପଟ୍ଟନାୟକ, ନାରାୟଣ ହେମ୍ବ୍ରମ, ବିଶ୍ୱଜିତ ରାଉତ, ଦେବବ୍ରତ ରାମ, ପୁଷ୍ପଲତା ରାମ, ମମତା ମିଶ୍ର,ସ୍ମିତପ୍ରଜ୍ଞା ଜେନା, ତନୁଶ୍ରୀ ପଣ୍ଡା, ସୁରୁଚି ସମ୍ପର୍ଣ୍ଣା ସ୍ୱାଇଁ,ସଂଘମିତ୍ରା ରାଉତ, ହେମ ଗୁପ୍ତା, ବିଶ୍ୱରନ ସାହୁ, ରନ ନାୟକ, ଲିବ୍‌ନଓ କିଣ୍ଡୋ, ସତ୍ୟବ୍ରତ ସ୍ୱାଇଁ,ନିମାଇଁ ଚରଣ ରାଉତ,ମାୟାଧର ନାୟକଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଆନନ୍ଦପୁର ପୌରପାଳିକା ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପୌରପାଳିକା କଲ୍ୟାଣ ମଣ୍ଡପ ଠାରେ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଡାଖାନା କାର୍ଯ୍ୟକ୍ରମକୁ ରାଜ୍ୟର ସମସ୍ତ ପୌରପାଳିକା ପାଳନ କରୁଥଇବା ବେଳେ ଆଜି ଆନନ୍ଦପୁର କଲ୍ୟାଣ ମଣ୍ଡପ ଠାରେ ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ବଡଖାନା କାର୍ଯ୍ୟକ୍ରମରେ ୧୬ଗୋଟି ୱାର୍ଡର ସମସ୍ତ ସଫେଇ କର୍ମଚାରୀ ଓ ସ୍ୱଚ୍ଛସାଥୀଙ୍କୁ ପୌରାଧକ୍ଷା ରଜନୀରାଣୀ ଖଟୁଆ, ଉପାଧକ୍ଷ ଦୁର୍ଗା ଚରଣ ଦଲେଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ପ୍ରମୁଖ ସମ୍ମାନୀତ କରିଥିଲେ । ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ତରଫରୁ ବଡାଖାନା କାର୍ଯ୍ୟକ୍ରମ ମାଧ୍ୟମରେ ଛୋଟ ବଡର ତାରତମ୍ୟକୁ ଭୁଲି ସମସ୍ତେ ଏକତ୍ରିତ ହୋଇ କିଭଳି ନ୍ମଙ୍କ ପୌରପାଳିକାର ସୁନ୍ଦର ଗଠନ କରି ପୌରାଞ୍ଚଳକୁ ସ୍ୱଚ୍ଛ ମୁକ୍ତ କରିବା ଏହାର ମୂଳ ଲକ୍ଷ୍ୟ । ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଉପସ୍ଥିତ ରହି ନିଜ ହାତରେ ରନ୍ଧା ଖାଦ୍ୟକୁ ସଫେଇ କର୍ମଚାରୀ ମାନଙ୍କୁ ବଣ୍ଟନ କରିଥିବା ବେଳେ ସମସ୍ତ ପୌର କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

## ଅନ୍ତର୍ଜାତୀୟ ଭଲିବଲ୍ ସଂଘର ୩୮ତମ ବିଶ୍ୱ କଂଗ୍ରେସରେ ଅଚ୍ୟୁତ ସାମନ୍ତ



ଭୁବନେଶ୍ୱର,(ପି.ଏନ): ଭାରତରେ ଭଲିବଲ୍ର ବିକାଶ ଆଶା ଉଜ୍ଜ୍ୱଳ ବୋଲି ଭାରତୀୟ ଭଲିବଲ୍ ସଂଘର ସଭାପତି ଅଚ୍ୟୁତ ସାମନ୍ତ କହିଛନ୍ତି । ନେଦରଲାଣ୍ଡରେ ଶୁକ୍ରବାର ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ଭଲବଲ୍ ସଂଘ (ଏଫ୍ଆଇଭିବି)ର ୩୮ତମ ବିଶ୍ୱ କଂଗ୍ରେସରେ ଯୋଗଦେଇ ଭାରତ ବିଶେଷ କରି ଓଡ଼ିଶାରେ କିଭଳି ଭଲିବଲ୍ ଅଧିକ ପ୍ରସାର ଲାଭ କରିବ ସେ ନେଇ ଶ୍ରୀ ସାମନ୍ତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱର ବିଭିନ୍ନ ସଦସ୍ୟ ରାଷ୍ଟ୍ରରୁ ଆସିଥିବା ୨୨୨ ଭଲିବଲ୍ ସଂଘ ଓ କନ୍‌ଫେଡେରେସନ୍ର ସଭାପତି ଯୋଗଦେଇଛନ୍ତି । ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କଂଗ୍ରେସରେ ଭଲିବଲ୍ର ବିକାଶ ନେଇ ବ୍ୟାପକ ଆଲୋଚନା ହେବ ।ଏହି ଅବସରରେ ଏଫ୍ଆଇଭିବି ସହଯୋଗରେ କିଟ୍ ଓ କିସ୍‌ରେ ଏକ ଜାତୀୟ ଭଲିବଲ୍ ଆକାଡେମୀ ଓ କିସ୍‌କୁ ଏଫଆଇଭିବି ଭଲିବଲ୍ ଫର ସ୍କୁଲ୍ର ଭାରତୀୟ ନୋଡାଲ୍ ସେଣ୍ଟର କରିବା ପାଇଁ ଶ୍ରୀ ସାମନ୍ତ ଏଫଆଇଭିବିକୁ ପ୍ରସ୍ତାବ ଦେଇଥିଲେ । ଏହା ସହ ଏଫଆଇଭିବିର ପରବର୍ତ୍ତୀ ବିଶ୍ୱ କଂଗ୍ରେସ ଭୁବନେଶ୍ୱରରେ ଆୟୋଜନ ପାଇଁ ଶ୍ରୀ ସାମନ୍ତ ଏଫଆଇଭିବିକୁ ଅନୁରୋଧ କରିଥିଲେ । ଏହା ବ୍ୟତୀତ ଭଲିବଲ୍ କୋଚ ଓ ଟେକ୍‌ନିକାଲ୍ ଅଫିସରଙ୍କୁ ରିଫ୍ରେସର କୋର୍ସ ପ୍ରଦାନ କରିବା ପାଇଁ ଭୁବନେଶ୍ୱରରେ ଏଫ୍ଆଇଭିବିର ଏକ ଆଞ୍ଚଳିକ ବିକାଶ କେନ୍ଦ୍ର ସ୍ଥାପନା ନିମନ୍ତେ ଶ୍ରୀ ସାମନ୍ତ ଦାବି ଉପସ୍ଥାପନ କରିଥିଲେ ।ଏହି ଅବସରରେ ଶ୍ରୀ ସାମନ୍ତ ଅନ୍ତର୍ଜାତୀୟ ଭଲିବଲ୍ ସଂଘର ସଭାପତି ଆରି ଗ୍ରାକା, ଏଫ୍ଆଇଭିବିର ଜେନେରାଲ୍ ଡାଇରେକ୍ଟର ଫାବିଓ ଆଜେଭେଦୋଙ୍କ ସମେତ ବିଶ୍ୱର ବିଭିନ୍ନ ସଦସ୍ୟ ରାଷ୍ଟ୍ରରୁ ଆସିଥିବା ୨୨୨ ଭଲିବଲ୍ ସଂଘ ଓ ଫେଡେରେସନ୍ର ସଭାପତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ୩୮ତମ ଏଫଆଇଭିବିର ଆଲୋଚନାଚକ୍ରରେ ବିଶ୍ୱରେ ଭଲିବଲର ବିକାଶ ନେଇ ବ୍ୟାପକ ଆଲୋଚନା କରାଯିବ । ଏଥିରୁ ଭାରତକୁ ଅନେକ ସୁଫଳ ମିଳିବ ବୋଲି ଶ୍ରୀ ସାମନ୍ତ ଆଶା ପୋଷଣ କରିଛନ୍ତି ।

## ଆକାଶଛୁଆଁ ଦରବୃଦ୍ଧି,ଶ୍ରମିକ ଛଟେଇ ପ୍ରତିବାଦରେ ଏଆଇଟିୟୁସି ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




କେନ୍ଦୁଝର,(ପି.ଏନ): ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ (ଏ.ଆଇ.ଟି.ୟୁ.ସି) ୧୧ଦଫା ଦାବୀ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରମିକମାନେ କାଳୀପଡିଆଠାରୁ ରାଲିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ତଥା ଆକାଶଛୁଆଁ ଦରବୃଦ୍ଧି,ପେଟ୍ରୋଲ ଓ ଡିଜେଲ ର ଦରବୃଦ୍ଧି,ମାଲିକମାନଙ୍କ ସପକ୍ଷରେ ଶ୍ରମ ଆଇନ ର ପରିବର୍ତ୍ତନ,ଦରବୃଦ୍ଧି ଅନୁସାରେ ଶ୍ରମିକମାନଙ୍କର ମଜୁରୀ ବୃଦ୍ଧି ହେଉନାହିଁ । ଏ.ଆଇ.ଟି.ୟୁ.ସି ପକ୍ଷରୁ ୧୧ ଦଫା ଦାବୀ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବିଭିନ୍ନ ଖଣି କମ୍ପାନୀ ଦ୍ୱାରା ପାଇପ ଯୋଗେ ଲୁହାପଥର ଗୁଣ୍ଡ ପରିବହନ ବନ୍ଦ କରାଯାଇ ସ୍ଥାନୀୟ ଟ୍ରକ ବ୍ୟବସାୟୀଙ୍କୁ ପରିବହନ ସୁବିଧା ଦିଆଯାଉ,କେନ୍ଦୁଝର ଜିଲ୍ଲାରେ ସମସ୍ତ ବନ୍ଦ ଖଣି ଓ କାରଖାନା ଖୋଲାଯାଇ ଛଟେଇ ଶ୍ରମିକ ମାନଙ୍କୁ ନିଯୁକ୍ତି ଦିଆଯାଉ,ଚାଲୁଥିବା ଖଣି ଓ କଳକାରଖାନାରେ ଛଟେଇ ହୋଇଥିବା ଶ୍ରମିକ ଓ ସ୍ଥାନୀୟ ଯୁବକ ଯୁବତୀମାନେଙ୍କୁ ନିଯୁକ୍ତି ଦେବା ପାଇଁ ବାଧ କରାଯାଉ,ଜିଲ୍ଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟରେ ସମସ୍ତ ପଦବୀ ପୂରଣ ସହ ବିଭାଗକୁ ଅଧିକ କାର୍ଯ୍ୟକ୍ଷମ କରାଯାଉ,ନିର୍ମାଣ ଶ୍ରମିକ ମାନଙ୍କ ପିକରଣ ତୁରନ୍ତ କରାଯିବା ସହ ବକେୟା ସହାୟତା ରାଶି ତୁରନ୍ତ ପ୍ରଦାନ କରାଯାଉ,ଯୋଡା-ବଡବିଲ ଖଣି ଅଞ୍ଚଳରେ ଇ.ଏସ.ଆଇ ତରଫରୁ ୫୦୦ ଶର୍ଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ ସହ ଯୋଡା କେନ୍ଦ୍ରୀୟ ହସ୍ପିଟାଲ ରେ ଅଧିକ ଡାକ୍ତର ନିଯୁକ୍ତି ସହ ଔଷଧ ଯୋଗାଇ ଦିଆଯାଉ,ଖଣି ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମବାସମାନଙ୍କ ପ୍ରତ୍ୟେକ ପରିବାରକୁ ଡିଏମ୍‌ଏଫ ପାଣ୍ଠି ରୁ ମାସିକ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉ,ଅଙ୍ଗନୱାଡି ଏବଂ ଆଶାକର୍ମୀ ଭଳି ସ୍କିମରେ କାମ କରୁଥିବା କର୍ମଚାରୀଙ୍କ ଚାକିରୀ ନିୟମିତ କରାଯାଉ,ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଶୁଦ୍ଧ ପାନୀୟ,ବାସଗୃହ ଓ ସାମାଜିକ ନିରାପତ୍ତା ସୁବିଧା ଯୋଗାଇ ଦିଆଯାଉ,ଦୀର୍ଘ ବର୍ଷ ଧରି ପ୍ରଚଳିତ ଥିବା ଶ୍ରମ ଆଇନ କୁ ମାଲିକ ମାନଙ୍କ ସପକ୍ଷରେ ପରିବର୍ତ୍ତନ କୁ ବାତିଲ କରାଯାଉ ଆଦି ଦାବୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୁଦ୍ଧରେ ଆଗାମି ଦିନରେ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବା ପାଇଁ ଏହି ବିକ୍ଷୋଭ ସମାବେଶରେ ଏଆଇଟିୟୁସି ର ଜାତୀୟ ସଂପାଦକ ତଥା କେନ୍ଦୁଝର ମାଇନ୍ସ ଓ ଫରେଷ୍ଟ ୱାର୍କସ ୟୁନିୟନର ସଭାପତି ରାମକୃଷ୍ଣ ପଣ୍ଡା ଆହ୍ୱାନ ଦେଇଥିଲେ । ଏ.ଆଇ.ଟି.ୟୁ.ସି ର ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ଖଣିରେ ଶ୍ରମିକ ମାନଙ୍କ କାମ ଦେବା ସହ ସରକାର ସ୍ଲରି ପାଇପ ଲାଇନ ବନ୍ଦ କରି ଟ୍ରକ ଯୋଗେ ପରିବହନ କୁ ଗୁରୁତ୍ୱ ଦେବାକୁ କହିଥିଲେ । ପୂର୍ବରୁ କିଛି କମ୍ପାନୀ ପାଇପ ଲାଇନ ଯୋଗେ ଲୁହାପଥର ଗୁଣ୍ଡ ପରିବହନ କରୁଥିବାବେଳେ ଏବେ ଆଉ କିଛି କମ୍ପାନୀ ସ୍ଲରି ପାଇପ ଲାଇନରେ ଲୁହାପଥର ଗୁଣ୍ଡ ପରିବହନ ପାଇଁ କାର୍ଯ୍ୟ ଆରମ୍ଭ କରିଛି । ଆଗକୁ ଆଉ କିଛି କମ୍ପାନୀ ସ୍ଲରି ପାଇପ ଲାଇନରେ ପରିବହନ କରିବାକୁ ସରକାରଙ୍କ ସହ ଏମ୍‌ଓୟୁ କରିଛନ୍ତି । ଏହାଦ୍ୱାରା ଟ୍ରକ ବ୍ୟବସାୟ ଉପରେ ନିର୍ଭର କରି ଟ୍ରକ ମାଲିକ, କର୍ମଚାରୀ ଓ ଅନ୍ୟୁନ ୫ ଲକ୍ଷ ଲୋକ ପ୍ରଭାବିତ ହେବେ ବୋଲି ସେ କହିଥିଲେ । ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ଏ.ଆଇ.ଟି.ୟୁ.ସି ର ଜାତୀୟ ସମ୍ପାଦକ କଃ ରାମକୃଷ୍ଣ ପଣ୍ଡା,ରାଜ୍ୟ ଶ୍ରମିକ ନେତା କଃ ଦିବାକର ନାୟକ,ରାଜ୍ୟ ସଭାପତି କଃ ଅଶୋକ ଦାଶ,ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା କପିଳ ମହାନ୍ତି,ରାଜାରାମ ମୁଣ୍ଡା,ବାଗ୍ରା ଚାତାର,କାହ୍ନୁ ସାମଲ,ବଦ୍ଧୁ ଜାମା,ଶ୍ରୀହରି ଘଣା,ହୃଦାନନ୍ଦ ପାତ୍ର,ବିରଞ୍ଚି ଦେହୁରୀ,ଖଗେଶ୍ୱର ମହାନ୍ତ,ମାର୍କଣ୍ଡ ଦେହୁରୀ ଆଦି ବିକ୍ଷୋଭ ର ନେତୃତ୍ୱ ନେଇଥିଲେ । ଶେଷରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786 E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray